

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୨ ଡିସେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 22 DECEMBER 2020
Vol.No. 30 ■ No. 324 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଜେଲ୍ ଗଲେ ଆକାଶ



ଭୁବନେଶ୍ୱର,୨୧।୧୨ (ନି.ପ୍ର): ସ୍କାଏ କିଙ୍ଗ ୬୫ ଲକ୍ଷ ଟଙ୍କା ଠକେଇ ମାମଲାରେ ୪ ଦିନିଆ ରିମାଣ୍ଡ ସରିବା ପରେ ଜେଲ୍ ଯାଇଛନ୍ତି ଆକାଶ ପାଠକ। ଭୁବନେଶ୍ୱର ଏସଡିଜେଏମ୍ କୋର୍ଟରେ ହାଜର ପରେ ତାଙ୍କୁ ଜେଲ୍ କୁ ପଠାଇଦିଆଯାଇଛି। ଏହି ସମୟରେ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖି ଆକାଶ କହିଛନ୍ତି ମୁଁ ସେମିତି କୌଣସି କଥା ମାନିନାହିଁ। ତେବେ ଗତକାଲି ଆକାଶ ସବୁ ସତ ମାନିଥିବା ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ କହିଥିଲେ । ଯେଉଁ ଉଦ୍ଦେଶ୍ୟରେ ଆକାଶ ପାଠକଙ୍କୁ ରିମାଣ୍ଡରେ ଅଣାଯାଇଥିଲା, ତାହା ସଫଳ ହୋଇଛି। ରିମାଣ୍ଡରେ ତାଙ୍କଠାରୁ ଅନେକ ତଥ୍ୟ ମିଳିଛି ବୋଲି ଡିସିପି କହିଥିଲେ। ଉଲ୍ଲେଖ୍ୟଯୋଗ୍ୟ ଯେ ସ୍କାଏ କିଙ୍ଗ ପକ୍ଷରୁ , ୬୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ରୁଜୁ ମାମଲାରେ ଆକାଶଙ୍କୁ ୪ ଦିନିଆ ରିମାଣ୍ଡରେ ନେଇଥିଲା କମିଶନରେଟ୍ ପୋଲିସ୍। ଗତକାଲି ରିମାଣ୍ଡ ଶେଷ ହୋଇଯାଇଥିବା ବେଳେ ଆଜି ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା।

## ବିଜେଡି ରାଜ୍ୟ ପରିଷଦ ବୈଠକ

# ଦୁର୍ନୀତି ବିରୋଧୀ ଲଢେଇକୁ ଜୋରଦାର କରାଯିବ : ନବୀନ



ଭୁବନେଶ୍ୱର,୨୧।୧୨ (ନି.ପ୍ର): ଦୁର୍ନୀତି ହିଁ ବିକାଶର ସବୁଠାରୁ ବଡ଼ ଶତ୍ରୁ । ଆମେ ଯଦି ସ୍ୱଚ୍ଛତା ବଜାୟ ନ ରଖିବା ତେବେ ଅସମାନତା, ଦାରିଦ୍ର୍ୟ, ଆଂଚଳିକ ବୈଷମ୍ୟ, ପ୍ରାକୃତିକ ବିପର୍ଯ୍ୟୟ ବିରୁଦ୍ଧରେ ଆମର ଲଢେଇ ନିରର୍ଥକ ହୋଇଯିବ ବୋଲି ବିଜୁ ଜନତା ଦଳର ରାଜ୍ୟ ପରିଷଦ ବୈଠକରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିବା ସହ ଦୁର୍ନୀତି ବିରୋଧୀ ଲଢେଇକୁ ଆହୁରି ଜୋରଦାର କରିବାକୁ ଘୋଷଣା କରିଛନ୍ତି । ବିଜୁ ଜନତା ଦଳର କର୍ମୀ ଓ ନେତାଙ୍କୁ ଉଦବୋଧନ ଦେଇ ସେ କହିଛନ୍ତି ଯେ ଦୁର୍ନୀତି ବିରୋଧୀ ଲଢେଇରେ ରାଜ୍ୟ ସାରା ଦେଶରେ ଆଗୁଆ ରହିଆସିଛି । ଦୁର୍ନୀତି କରୁଥିବା କର୍ମଚାରୀ ଯେତେ ଉଚ୍ଚ ପଦବୀରେ ଥାନ୍ତୁ ନା କାହିଁକି ସମାନଙ୍କ ବରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେଇ ଆସିଛୁ। ଗତ ଏକ ବର୍ଷ ମଧ୍ୟରେ ରାଜ୍ୟ ପ୍ରାୟ ୯୧ ଜଣ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରିବା ସହ ସେମାନଙ୍କ ପେନସନ ବନ୍ଦ କରିଛନ୍ତି । ଏହି ଦୁର୍ନୀତି ବିରୋଧୀ ଲଢେଇକୁ ଆଗକୁ ନେବାକୁ ସେ କେତେକ ପ୍ରସ୍ତାବ ବିଜେଡ଼ି ରାଜ୍ୟ ପରିଷଦ ଆଗରେ ରଖିଛନ୍ତି । ଏହି ପ୍ରସ୍ତାବ ଅନୁସାରେ ସରପଂଚଙ୍କଠାରୁ ଆରମ୍ଭ କରି ବ୍ଲକ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ବିଧାୟକ,ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପ୍ରତିବର୍ଷ ସେମାନଙ୍କର ସମ୍ପତ୍ତି ତାଲିକା ଦେବେ ଓ ତାହାକୁ ପ୍ରତିବର୍ଷ ସର୍ବସାଧାରଣରେ ପ୍ରକାଶ କରାଯିବ । ଦୁର୍ନୀତି ରୋକିବା ପାଇଁ ଏଭଳି କଡା ପଦକ୍ଷେପ ନେବାରେ ଓଡିଶା ସାରା ଭାରତରେ ପ୍ରଥମ ରାଜ୍ୟ ହେବ ଏବଂ

▶▶ପୃଷ୍ଠା ୭

## ଅନୁଭବ ଓ ବାପା ମା'ଙ୍କୁ ମହିଳା କମିଶନଙ୍କ ନୋଟିସ୍



ଭୁବନେଶ୍ୱର,୨୧।୧୨ (ନି.ପ୍ର): ବିଜେଡ଼ି ସାଂସଦ ଅନୁଭବ ମହାନ୍ତି ଓ ତାଙ୍କ ପତ୍ନୀ ବର୍ଷା ପ୍ରିୟଦର୍ଶିନୀଙ୍କ ପାରିବାରିକ ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହି ମାମଲାରେ ଏବେ ଅନୁଭବଙ୍କୁ ନୋଟିସ୍ ପଠାଇଛନ୍ତି ରାଜ୍ୟ ମହିଳା କମିଶନ । କେବଳ ଅନୁଭବ ନୁହନ୍ତି, ବରଂ ତାଙ୍କ ବାପା ଓ ମା'ଙ୍କୁ ମଧ ମହିଳା କମିଶନ ନୋଟିସ୍ ପଠାଇଛନ୍ତି । ଏମାନଙ୍କୁ ଆସନ୍ତା ୨୯ ତାରିଖରେ ହାଜର ହେବାକୁ କମିଶନ୍ ନିର୍ଦ୍ଦେଶ ଦେଇଛନ୍ତି ।

▶▶ପୃଷ୍ଠା ୭

# ବିଶ୍ୱ ଅର୍ଥନୀତିର ପେଣ୍ଟସ୍ଥଳି ହେବା ପାଇଁ ଓଡ଼ିଶା ପ୍ରସ୍ତୁତ : ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୨୧।୧୨ (ନି.ପ୍ର): ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶା ବିଶ୍ୱ ଅର୍ଥନୀତିର ପେଣ୍ଟସ୍ଥଳି ହେବା ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ବୋଲି ସୋମବାର ରାଉରକେଲା, ସମ୍ବଲପୁର ଏବଂ ଝାରସୁଗୁଡା ଆଇସିଏଆଇ ଶାଖା ପକ୍ଷରୁ ଆୟୋଜିତ ଭିଏସଏମ ସିରିଜର "ସିଏ: ଦି କାଟାଲିଷ୍ଟ - ଲର୍ଣ୍ଣିଂ, ଅନଲର୍ଣ୍ଣିଂ ଏବଂ ରିଲର୍ଣ୍ଣି" ୱେବିନାରରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଅମାପ ଖଣିଜ ସମ୍ପଦ, ଭୌଗଳିକ ସ୍ଥିତି ଏବଂ ବଜାର ସହିତ ଓଡିଶା ବିଶ୍ୱ ବଜାରରେ ଆଗାମୀ ଦିନର ସମ୍ଭାବନାକୁ ଉପଯୋଗ କରିବାକୁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଅଛି। ଅମାପ ଖଣିଜ ରାଜ୍ୟ ଭାବେ ଜଣାଶୁଣା ଓଡ଼ିଶାରେ ମାତ୍ରାଧିକ ଆଇରନ, କୋଇଲା, ବକ୍ସାଇଟ, କ୍ରୋମାଇଟ ଗଚ୍ଛିତ ହୋଇ ରହିଛି ଏବଂ ଦେଶକୁ ଅଧିକ ରପ୍ତାନୀ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଇସ୍ପାତ ଓ ଆଲୁମିନିୟମ ଓଡ଼ିଶାରେ ଅଧିକ ମାତ୍ରାରେ ଉତ୍ପାଦନ ହେଉଛି। ଏହି ସବୁ ସାମଗ୍ରୀକୁ ଗ୍ଲୋବାଲ ଚେନରେ ସାମିଲ ହେବା ପାଇଁ ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ଭାରତ ଆରମ୍ଭ କରିଛନ୍ତି। ଆଗାମୀ ଦିନରେ ବିଦେଶରୁ ଯେଉଁ କ୍ୟାପିଟାଲର ଅଭିବୃଦ୍ଧି ହେବ ଏହା ଦ୍ୱାରା ଭାରତ ବିଶ୍ୱରେ ସବୁଠୁ ଅଧିକ ଲାଭ ପାଇବ ଏବଂ ଏହି ଲାଭ ମଧ୍ୟରେ ଦେଶର ସବୁଠୁ ଲାଭ ପାଇବା ମଧ୍ୟରେ ରହିବ ଓଡ଼ିଶା ରାଜ୍ୟ। କାରଣ ଓଡ଼ିଶାର ସ୍ୱତନ୍ତ୍ର ଭୌଗଳିକ ଅବସ୍ଥିତି ସହ କଂଚାମାଲ ଏବଂ ପରିଶ୍ରମୀ ମାନବ ସମ୍ବଳର ବଡ ସୁଯୋଗ ଓଡ଼ିଶା ପାଖରେ ହିଁ ରହିଛି।

▶▶ପୃଷ୍ଠା ୭

## ପରୀ ହତ୍ୟା ମାମଲା

# ଏସଆଇଟି ନିକଟରେ ଯଥେଷ୍ଟ ପ୍ରମାଣ ରହିଛି : ଅରୁଣ ବୋଥ୍ରା




ନୟାଗଡ଼,୨୧।୧୨ (ନି.ପ୍ର): ପରୀ ହତ୍ୟା ମାମଲାର ତଦନ୍ତ କରୁଥିବା ଏସଆଇଟି ମୁଖ୍ୟ ଅରୁଣ ବୋଥ୍ରା ଆଜି ତଦନ୍ତ ପାଇଁ ଯଦୁପୁର ଯାଇଥିବା ବେଳେ ନିଜର ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଏସଆଇଟିକୁ ଯଥେଷ୍ଟ ପ୍ରମାଣ ମିଳିସାରିଛି । ଯାହାକୁ ଗିରଫ କରାଯାଇଛି, ତାଙ୍କ ବିଷୟରେ ମଧ ଯଥେଷ୍ଟ ପ୍ରମାଣ ରହିଛି । ଅଭିଯୁକ୍ତକୁ ଗତ ୧୦ ଦିନ ଧରି ପଚରା ଉଚୁରା କରାଯାଇଛି । ପଚରା ଉଚୁରା ବେଳେ ଯଥେଷ୍ଟ ପ୍ରମାଣ ପାଇଲା ପରେ ତାଙ୍କୁ ଗିରଫ କରାଯାଇଛି । ଘଟଣାରେ ଗିରଫ ବ୍ୟକ୍ତି ହେଉଛନ୍ତି ମୁଖ୍ୟ ଅଭିଯୁକ୍ତ ବୋଲି ସେ କହିଛନ୍ତି । ତେବେ ତାଙ୍କୁ ଏଥିରେ ଅନ୍ୟ କିଏ ସାହାଯ୍ୟ କରିଛି କି ନାହିଁ ସେନେଇ ଏସଆଇଟି ପକ୍ଷରୁ ଅଧିକ ତଦନ୍ତ ଜାରୀ ରହିଛି । ଆଜି ଅଭିଯୁକ୍ତକୁ କୋର୍ଟଚାଲାଣ କରାଯିବ ଏବଂ କୋର୍ଟରେ ରିମାଣ୍ଡ ପାଇଁ ଆବେଦନ କରାଯିବ ।

▶▶ପୃଷ୍ଠା ୭

## ବିଧାନସଭାର ସମସ୍ତ ବିବରଣୀ ଡିଜିଟାଲ ହେବ

ଭୁବନେଶ୍ୱର,୨୧।୧୨ (ନି.ପ୍ର): ଡିଜିଟାଲ ହେବ ବିଧାନସଭା ସମ୍ପର୍କିତ ସମସ୍ତ ବିବରଣୀ। ସୋମବାର ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ବିଧାନସଭାସ୍ଥିତ ତାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତି ଗ୍ରହଣ କରାଯାଇଛି। ୧୯୩୭ରୁ ଏପର୍ଯ୍ୟନ୍ତ ବିଧାନସଭାର ସମସ୍ତ ବିବରଣୀ , ସମ୍ବାଦପତ୍ରରେ ବିଧାନସଭା ସମ୍ପର୍କିତ ପ୍ରକାଶିତ ସମସ୍ତ ବିବରଣୀ, ବିଭିନ୍ନ ସମ୍ବାଦପତ୍ର ଓ ପତ୍ରପତ୍ରିକାରେ ପ୍ରକାଶିତ ବିଧାନସଭା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଲେଖାର ଡିଜିଟାଇଜେସନ୍ ହେବ। ବୈଠକରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ସ୍ମାର୍ଟ ଗଭର୍ଣ୍ଣମେଂଟ ବା ଏନଆଇଏସ୍‌ଜି ପକ୍ଷରୁ ଦିଆଯାଇଥିବା ମାର୍ଗନିର୍ଦ୍ଦେଶିକା ଉପରେ ଆଲୋଚନା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଏନଆଇଏସଜି ତରଫରୁ ୬ ଲକ୍ଷ ଟଙ୍କା ଅନୁଦାନରେ ଏହାର ପ୍ରାରମ୍ଭିକ ଅନୁଧ୍ୟାନ କରାଯିବ ଏବଂ ଖର୍ଚ୍ଚ ଅଟକଳ କରାଯିବ। ପରେ ଏମଧ୍ୟରେ ସମ୍ପନ୍ନ ହୋଇଥିବା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜାନୁଆରୀ ମାସ ପ୍ରଥମ ସପ୍ତାହରେ ହେବାକୁଥିବା ବୈଠକରେ ସମୀକ୍ଷା କରାଯିବ। ଉକ୍ତ ବୈଠକରେ ବିଧାନସଭା ସଚିବ ଦାଶରଥୀ ଶତପଥୀ, ପାଠାଗାର ଉପନିର୍ଦ୍ଦେଶକ ଆରତୀ ମିଶ୍ର, ଯୁଗ୍ମ ସଚିବ ଦେବାନନ୍ଦ ଦୋରା , ଉପସଚିବ ଡୁଙ୍ଗଡୁଙ୍ଗ ମଟରାଜ, ଏନଆଇସି ବରିଷ୍ଠ ବୈଜ୍ଞାନିକ ନିଳାଦ୍ରୀ ମହାନ୍ତି , ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ସରିତା ସାହୁ , ବରିଷ୍ଠ ସାଧାରଣ ପରିଚାଳକ ଏନ ଏମ୍ ଇନ୍ଦ୍ରକାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ସମ୍ବଲପୁର ଟ୍ରେନ ଦୁର୍ଘଟଣାରେ ହାତୀ ମୃତ୍ୟୁର ଉଚ୍ଚ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର,୨୧।୧୨ (ନି.ପ୍ର): ସୁରଟ ଯାଉଥିବା ପୁରୀ-ସୁରଟ ସ୍ୱେଶାଲ ଗତକାଲି ବିଳମ୍ବିତ ମଧରାତ୍ରରେ ସମ୍ବଲପୁର-ଅନୁଗୁଳ ରେଳ ସେକ୍ସନ ଅନ୍ତର୍ଗତ ହାତିବାରୀ ଓ ମାନେଶ୍ୱର ରେଳ ଷ୍ଟେସନ ମଧ୍ୟରେ ଏକ ହାତୀ ସହିତ ଧକ୍କା ଦେବା ଫଳରେ ଟ୍ରେନ୍ ଇଞ୍ଜିନ୍ ର ସମସ୍ତ ଆଗ ଚକଗୁଡିକ ଲାଇନଚ୍ୟୁତ ହୋଇଥିଲା । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଏହି ପ୍ରସଙ୍ଗରେ ବରିଷ୍ଠ ଅଧିକାରୀ ସ୍ତରୀୟ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରେନ୍ ଲୋକୋ-ପାଇଲଟ୍ ଏବଂ ଗାର୍ଡ ମାନଙ୍କୁ ପଚରା ଉଚରା କରାଯାଉଛି । ଏଭଳି ଦୁଃଖଦ ଦୁର୍ଘଟଣା ପାଇଁ ପୂର୍ବତଟ ରେଳପଥ ଦୁଃଖ ପ୍ରକାଶ କରିଛି । ସମ୍ବଲପୁର ରେଳମଣ୍ଡଳ ଦ୍ୱାରା ହାତୀଙ୍କ ଚଳାଚଳ ପାଇଁ ସତର୍କତା ଅବଲମ୍ବନ କରାଯାଇଥିବାରୁ ଟ୍ରେନ୍ ୫୦ କିଲୋମିଟର ବେଗରେ ରାତ୍ର ୧ଘ.୫୫ମି.ରେ ହାତିବାରୀ ଷ୍ଟେସନ ଛାଡିଥିଲା । ଟ୍ରେନ୍ ସହିତ ଦୁର୍ଘଟଣାରେ ହାତୀଟି ଟ୍ରେନ୍ ଇଞ୍ଜିନର ଆଗ ଭାଗ ସହିତ ଛନ୍ଦି ହୋଇଥିଲା। ତେବେ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି । ସୂଚନା ପାଇବା ପରେ ସମ୍ବଲପୁର ଡିଭିଜନାଲ ରେଲୱେ ମ୍ୟାନେଜର ଶ୍ରୀ ପ୍ରଦିପ କୁମାରଙ୍କ ନେତୃତ୍ୱରେ ଅନ୍ୟ ବରିଷ୍ଠ ଅଧିକାରୀମାନେ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଂଚି ଇଞ୍ଜିନର ପୁନଃ ରକ୍ଷଣାବେକ୍ଷଣ କାର୍ଯ୍ୟ ତଦାରଖ କରିବା ସହିତ ଟ୍ରେନର ସମସ୍ତ କୋଚକୁ ହାତିବାରୀ ଷ୍ଟେସନକୁ ଶୀଘ୍ର ଫେରିବା ଏବଂ ରେଳ ଟ୍ରାକ୍ ସଫା କରିବା ନିଶ୍ଚିତ କରାଇଥିଲେ ।

▶▶ପୃଷ୍ଠା ୭

## ଶ୍ରୀରାମଚନ୍ଦ୍ର ଭଂଜଦେଓଙ୍କ ନାମରେ ହୋଇପାରେ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୨୧।୧୨ (ନି.ପ୍ର): ଉତର ଓଡିଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତନ କରି ଶ୍ରୀରାମଚନ୍ଦ୍ର ଭଂଜଦେଓଙ୍କ ନାମରେ ନାମିତ କରିବାକୁ ପ୍ରସ୍ତାବ ଆସିଛି। ବିଜେଡିର ରାଜ୍ୟ ପରିଷଦ ବୈଠକରେ ମୟୁରଭଂଜ ଜିଲ୍ଲାରୁ ଏହି ପ୍ରସ୍ତାବ ଅଣାଯାଇଛି। ଏହି ପ୍ରସ୍ତାବକୁ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରିଥିବା ଜଣାପଡିଛି।

# ୩ ଦିନ ଥରାଇବ ଶୀତ

## ୪ ଜିଲ୍ଲାକୁ ଅରେଂଜ , ୧୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୨୧।୧୨ (ନି.ପ୍ର): ଆଗାମୀ ୩ଦିନ ଯାଇଁ ଆଭ୍ୟନ୍ତରୀଣ ଓଡ଼ିଶାରେ ଜାରି ରହିବ ଶୀତ-ଲହରୀ । କିଛି ଜିଲ୍ଲାରେ ତାପମାତ୍ରା ୪ ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ। ଏହାକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ, ଅନୁଗୁଳ, ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲ୍ଲା ପାଣିପାଗ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ଦେବଗଡ, ନୂଆପଡା, ଢେଙ୍କାନାଳ, କୋରାପୁଟ, କନ୍ଧମାଳ, ସୋନପୁର, ବୌଦ୍ଧ, ବଲାଙ୍ଗୀର, ନବରଙ୍ଗପୁର, କଟକ, କାଳାହାଣ୍ଡି ଏବଂ ବରଗଡ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ପ୍ରବଳ ଶୀତ ସହ ସନ୍ଧ୍ୟା ପରେ ଏହି ସମସ୍ତ ଜିଲ୍ଲାଗୁଡ଼ିକରେ ପ୍ରବଳ କୁହୁଡ଼ି ପଡ଼ିବାର ମଧ ସମ୍ଭାବନା ରହିଛି। ତେଣୁ, ସନ୍ଧ୍ୟା ପରେ ଘରେ ରହିବାକୁ ପରାମର୍ଶ ଦେବା ସନ୍ଧ୍ୟା ପରେ ରାଜରାସ୍ତାରେ ଗାଡ଼ି ଚାଳନା କଲେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବରକୁ କହିଛି ପାଣିପାଗ ବିଜ୍ଞାନ କେନ୍ଦ୍ର। ସେହିପରି ଦ୍ୱିତୀୟ ଦିନ ପାଇଁ ମୟୁରଭଂଜ , ଅନୁଗୁଳ ଓ ବରଗଡ ଜିଲ୍ଲା ପାଇଁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ଢେଙ୍କାନାଳ,

▶▶ପୃଷ୍ଠା ୭

# ଓଭରବ୍ରିଜ୍ ମରାମତି କାର୍ଯ୍ୟ ଧାର୍ଯ୍ୟ ସମୟରେ ଶେଷ ପାଇଁ ଦାବି



ବାଲେଶ୍ୱର,୨୧।୧୨ (ନି.ପ୍ର): ଓଡ଼ିଶାର ପ୍ରଥମ ଓଭରବ୍ରିଜ୍ ତଥା ବାଲେଶ୍ୱରକୁ ମୁଖ୍ୟ ସଂଯୋଗପଥ ମରାମତି ଅଭାବରୁ ଦୁର୍ବଳ ହୋଇଯାଇଛି । ବାଲେଶ୍ୱର ଉଡ଼ନ୍ତାପୋଲ ସୁରକ୍ଷା ମଞ୍ଚ, ବାଲେଶ୍ୱର ସିଭିଲ୍ ସୋସାଇଟି ଓ ବହୁ ସଂଗଠନର ଦାବି ଓ ଆନ୍ଦୋଳନ ପରେ ରାଜ୍ୟ ସରକାର ଆବଶ୍ୟକୀୟ ଅର୍ଥମଂଜୁର କରି ଦିଲ୍ଲୀର ହରକୁଲେସ୍ ଷ୍ଟ୍ରକ୍‌ଚରାଲ୍ ସିଷ୍ଟମ୍ କମ୍ପାନୀକୁ ଆବଶ୍ୟକୀୟ ମରାମତି ଦାୟିତ୍ୱ ଦେଇଛନ୍ତି। କିନ୍ତୁ ମରାମତି ଓ ନିର୍ମାଣ କାର୍ଯ୍ୟ ମନ୍ଥର ଓ ନିମ୍ନ ମାନର ହେଉଥିବାର ଅଭିଯୋଗ କରି ସିଭିଲ୍ ସୋସାଇଟିର ସଦସ୍ୟବୃନ୍ଦ ସୋମବାର ଦିନ ଜିଲ୍ଲାପାଳଙ୍କୁ ଓ ରାଜ୍ୟ ସରକାରଙ୍କ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାପାଳଙ୍କ ପକ୍ଷରୁ ଅଭିଯୋଗପତ୍ରକୁ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ ନାୟକ ପ୍ରତିନିଧିମାନଙ୍କ ଠାରୁ ଗ୍ରହଣ କରି ଅଭିଯୋଗର ପ୍ରତିକାରପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଓଭରବ୍ରିଜ୍‌ର ତଳ ଅଂଶରେ ସଂପୂର୍ଣ୍ଣ ଉଚ୍ଛେଦ କାର୍ଯ୍ୟ ସମାପ୍ତ ନକରି ମରାମତି କାର୍ଯ୍ୟ ହୋଇପାରିବନାହିଁ ବୋଲି ନିର୍ମାଣକାରୀ ଠିକାଦାର ସଂସ୍ଥା ଓ ବୈଷୟିକ ଅଧିକାରୀମାନେ ମତପ୍ରଦାନ କରିଥିବାବେଳେ ବର୍ତ୍ତମାନ ଉଚ୍ଛେଦ ପ୍ରକ୍ରିୟା ଶେଷ ନକରି କିପରି ସଠିକ୍ ଭାବେ ମରାମତି କାର୍ଯ୍ୟ ସଂପାଦନ ହୋଇପାରିବ ବୋଲି ସୋସାଇଟି ତରଫରୁ ଆଶଙ୍କା ପ୍ରକାଶ ପାଇଛି। ମରାମତି କାର୍ଯ୍ୟ ଚାଲୁଥିବାବେଳେ କାର୍ଯ୍ୟସ୍ଥଳରେ ସଠିକ୍ ମାନ ଦେଖିବାକୁ କୌଣସି ଅଧିକାରୀ ନଥିବାର ଅଭିଯୋଗ ହୋଇଛି। ତୁରନ୍ତ ଜିଲ୍ଲାପାଳ ଓ ବିଭାଗୀୟ କର୍ତ୍ତୃପକ୍ଷ ଏହି ଅଭିଯୋଗ ଓ ଆଶଙ୍କା ଉପରେ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ସୋସାଇଟି ଦାବି କରିଛି। ଜିଲ୍ଲା ପ୍ରଶାସନକୁ ଦାବିପତ୍ର ପ୍ରଦାନବେଳେ ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସଂପାଦକ ମନୋଜ ନାୟକ, ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସଂପାଦକ ଲକ୍ଷ୍ମୀଧର ବେହେରାଙ୍କ ସମେତ ବିଭିନ୍ନ ଗଣସଂଗଠନ ତରଫରୁ ଗୌରାଙ୍ଗ ପାଣିଗ୍ରାହୀ, ସନ୍ତୋଷ କୁମାରସାହୁ, ଦୁର୍ଗାପ୍ରସନ୍ନ ଦାଶ, ସନ୍ତୋଷ ମିଶ୍ର, ସନ୍ଧ୍ୟା ଭୂୟାଁ, ଦେବାଶୀଷ ପାତ୍ର, ପ୍ରସନ୍ନ କୁମାର ପାଢ଼ୀ, ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ ଓ ରତିକାନ୍ତ ପାତ୍ର, ଜଗଜୀବନ ଦାଶ, ଡଃ. ଶିରିଶ ଚନ୍ଦ୍ର ଜେନା, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପ୍ରଦୀପ ଚାଟାର୍ଜୀ ଓ ଅଭିମନ୍ୟୁ ପାକଳ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁକ୍ତ ୩ ପ୍ରଥମ ବର୍ଷ ନାମଲେଖା ପାଇଁ ଉଚ୍ଚଶିକ୍ଷା ବିଭାଗର ଗାଇଡ୍ ଲାଇନ୍

ଭୁବନେଶ୍ୱର,୨୧।୧୨ (ନି.ପ୍ର): ୨୦୨୦-୨୧ ଶିକ୍ଷା ବର୍ଷ ପାଇଁ ଯୁକ୍ତ ୩ ପ୍ରଥମ ବର୍ଷର ଦ୍ୱିତୀୟ ପର୍ଯ୍ୟାୟ ଆଡ୍‌ମିସନ୍ ପାଇଁ ସମସ୍ତ ଡିଗ୍ରୀ କଲେଜର ଅଧ୍ୟକ୍ଷଙ୍କ ନିମନ୍ତେ ମାର୍ଗଦର୍ଶିକା ଓ ସମୟସୀମା ଜାରି କରିଛି ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ। ସୋମବାର ଦିନ ଜାରି ହୋଇଥିବା ମାର୍ଗଦର୍ଶିକା ଅନୁସାରେ ଡିସେମ୍ବର ୨୩ ତାରିଖ ପୂର୍ବାହ୍ନ ୧୧ଟାରେ ୱେବ୍‌ସାଇଟ୍ (ଡବ୍ଲୁ ଡବ୍ଲୁଡବ୍ଲୁ ଡଟ୍ ସାମସ୍ ଓଡିଶା ଡଟ୍ ଜିଓଭି ଡଟ୍ ଇନ୍)ରେ ଅନ୍‌ଲାଇନ୍ 'ସିଏଏଫ୍' ମିଳିବ। ଅନ୍‌ଲାଇନ୍ 'ସିଏଏଫ୍' ଦାଖଲର ଶେଷ ତାରିଖ ହେଉଛି ଡିସେମ୍ବର ୨୮ ତାରିଖ ରାତି ୧୧ଟା ୪୫। ସେହିପରି, ଜାନୁଆରି ୨ ତାରିଖ ଅପରାହ୍ଣ ୨ଟାରେ ମେରିଷ୍ଟ୍ ଲିଷ୍ଟ୍ ପ୍ରକାଶ ପାଇବ। ଅନ୍‌ଲାଇନ୍ ଆଡ୍‌ମିସନ୍? ଫିସ୍ ଦାଖଲ ଜାନୁଆରି ୨ ତାରିଖ ଅପରାହ୍ନ ୨ଟାରୁ ଜାନୁଆରି ୬ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିବ।ଜାନୁଆରି ୬ ତାରିଖରୁ ଜାନୁଆରି ୧୦ ତାରିଖ ସନ୍ଧ୍ୟା ୫ଟାରେ ଦ୍ୱିତୀୟ ପର୍ଯ୍ୟାୟ ମନୋନୀତ ଛାତ୍ରଛାତ୍ରୀମାନଙ୍କର ଅନ୍‌ଲାଇନ୍ ଆଡ୍‌ମିସନ୍ ଏବଂ ଅପ୍‌ଡେସନ୍ ଚାଲିବ। ପ୍ରଥମ ପର୍ଯ୍ୟାୟରେ ଯେଉଁମାନେ ସିଏଏଫ୍ (କମନ୍ ଆପ୍ଲିକେସନ୍ ଫର୍ମ) ଦାଖଲ କରି ନାହାନ୍ତି ସେମାନେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ପୁଣି ଥରେ ଆବେଦନ କରିପାରିବେ।

▶▶ପୃଷ୍ଠା ୭

## ଶହୀଦ କୃଷକଙ୍କୁ ଶ୍ରଦ୍ଧାଂଜଳି ଜଣାଇଲା ନବନିର୍ମାଣ କୃଷକ ସଂଗଠନ

ଭୁବନେଶ୍ୱର,୨୧।୧୨ (ନି.ପ୍ର): କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ଦିଲ୍ଲୀରେ ଚାଲିଥିବା ଚାଷୀ ଆନ୍ଦୋଳନରେ ଭାଗ ନେଇ ଶହୀଦ ହୋଇଥିବା ୩୯ଜଣ କୃଷକ ନେତାଙ୍କ ସ୍ମୃତିରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ ନବନିର୍ମାଣ କୃଷକ ସଂଗଠନ ତରଫରୁ ଲୋୟର ପିଏମ୍‌ଜିରେ ଶ୍ରଦ୍ଧାଞ୍ଜଳି ସମାରୋହ ଅନୁଷ୍ଠିତ ହୋଇଯାଇଛି । ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଯୋଗଦେଇ କହିଲେ ଯେ, ପ୍ରଥମେ ଦେଶରେ ରାଜା ଜମିଦାରଙ୍କ ଠାରୁ ଜମି ଛଡ଼ାଯାଇ ଚାଷୀମାନଙ୍କୁ ବଂଟନ କରାଯାଉଥିଲା । କିନ୍ତୁ ଏବେ କ୍ଷୁଦ୍ର ଓ ମଧ୍ୟବିତ ଚାଷୀଙ୍କ ଠାରୁ ଜମି ଛଡ଼ାଯାଇ ନବ୍ୟ ଜମିଦାରମାନଙ୍କୁ ଜମି ଦିଆଯିବା ପାଇଁ ଉଦ୍ୟମ କୃଷି ଆଇନ୍‌ରେ ହେଉଛି । ସେହିଭଳି କୃଷି ଆଇନରେ କୃଷକମାନେ କ୍ଷତିର ସମ୍ମୁଖୀନ ହେଲେ ବି କୋର୍ଟକୁ ଯାଇପାରିବେ ନାହିଁ ବୋଲି ଯେଉଁ ଆଇନ ହୋଇଛି ତାହା ସବୁଠାରୁ ଘାତକ ସଦୃଶ । ସଂଗଠନର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ରବି ଦାସ କୃଷକମାନଙ୍କୁ ଆହ୍ୱାନ ଦେଇ କହିଲେ ଯେ, ବର୍ତ୍ତମାନ ପ୍ରଧାନମନ୍ତ୍ରୀ ସମ୍ପୂର୍ଣ୍ଣ ପୁଞ୍ଜିପତିମାନଙ୍କ ଦ୍ୱାରା ପରିଚାଳିତ ହେଉଛନ୍ତି । କୃଷି ଆଇନକୁ ନେଇ ବ୍ଲକ ଓ ତହସିଲସ୍ତରରେ ଆଲୋଚନା ଓ ବିତର୍କ କରିବା ସହ ଚାଷୀମାନଙ୍କୁ ଏହି ଆଇନ ବୁଝାଇବା ଦାୟିତ୍ୱ ସଂଗଠକମାନଙ୍କର ବୋଲି ସେ କହିଥିଲେ । ଆରପିଆଇର ରାଜ୍ୟ ସଭାପତି ଅବଦୁଲ ୱାଲି, କଂଗ୍ରେସ କିଷାନ ସେଲ୍‌ର ସଭାପତି ଅମୀୟ ପଟ୍ଟନାୟକ ପ୍ରମୁଖ କୃଷି ବିଲ୍ କିଭଳି କୃଷକମାନଙ୍କର ସର୍ବନାଶ କରିବ ସେ ସମ୍ପର୍କରେ ଅବଗତ କରାଇଥିଲେ । ସଂଗଠନ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଥିଲେ ଯେ,ଯେଉଁ ୩୯ଜଣ ଚାଷୀ କୃଷକର ମୁକ୍ତି ସଂଗ୍ରାମ ପାଇଁ ବଳିଦାନ ଦେଇଛନ୍ତି ସେ ବଳିଦାନ କେବେ ବ୍ୟର୍ଥ ଯିବ ନାହିଁ ଏବଂ ସେମାନଙ୍କ ବଳିଦାନକୁ କୋଟି କୋଟି କୃଷକ ସବୁଦିନ ପାଇଁ ମନେ ରଖିବେ ବୋଲି କହିଥିଲେ ।

## ୨୪ ଏକର ପରିମିତ ଜମିରୁ ଗଞ୍ଜେଇ ଚାଷ ନଷ୍ଟ କରାଗଲା

ଗଞ୍ଜାମ, ୨୦ ଡ଼ିସେମ୍ବର (ହି.ସ.)- ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ବଡ଼ଗଡ଼ ଥାନା ଅନ୍ତର୍ଗତ ଗୌଡଗୋଠ ଅଂଚଳର ୨୪ ଏକର ପରିମିତ ଜମିରୁ ବ୍ୟାପକ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି । ପ୍ରଥମେ ଏହାକୁ ଠାବ କରାଯିବା ପରେ ବିଭାଗୀୟ କର୍ମଚାରୀଙ୍କ ସହାୟତାରେ କାଟି ପୋଡି ନଷ୍ଟ କରାଯାଇଛି । ଯାହାକି ଲକ୍ଷାଧିକ ଟଙ୍କାର ହେବ ବୋଲି ଅନୁମାନ କରାଯାଉଛି ।

## ରାଉରକେଲା ସହରରେ ବୃଦ୍ଧି ପାଉଛି ଅପରାଧିକ କାର୍ଯ୍ୟକଳାପ

### ପୋଲିସର ଢ଼ିଲା ପେଟ୍ରୋଲିଂ ବ୍ୟବସ୍ଥାକୁ ଦାୟୀ କଲେ ଲୋକେ

ରାଉରକେଲା,୨୧।୧୨ (ନି.ପ୍ର): ରାଉରକେଲା ସହରରେ ବାରମ୍ବାର ଗୁଳିକାଣ୍ଡ, ଗୋଟାଏ ଦିନରେ ୨ ଜଣଙ୍କ ହତ୍ୟା, ଥାନା ବାଲା ଫୋନ ନଉଠାଇବା, ସହରରେ ଢିଲା ପେଟ୍ରୋଲିଂ ବ୍ୟାବସ୍ଥାକୁ ନେଇ ଏବେ ସହରର ବିଭିନ୍ନ ମହଲରେ ପୁଲିସିର ପାରିବା ପଣିଆ ଉପରେ ପ୍ରଶ୍ନ କରିବା ସହ ପୁରୁଣା ଆଇପିଏସ, ଏସଆଇ, ଇନ୍ସପେକ୍ଟର ଓ ଡିଏସପି ମାନଙ୍କର ଅତିତରେ କରିଥିବା କାମ ସେ ସମୟର ପୁଲିସିକୁ ନେଇ ବିଭିନ୍ନ ମହଲରେ ଆଲୋଚନା ହେଉଛି । ରାଉରକେଲା ସହରରେ ବିଗତ କିଛିଦିନ ହେଲା ପେଟ୍ରୋଲିଂ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡି ପଡିଥିବା ବେଳେ, ପିସିଆର ଭ୍ୟାନ ନାମକୁ ମାତ୍ର ବୁଲୁଥିବା କୁହାଯାଉଛି । ଏହା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରଖାଯାଇଥିବାରୁ ସେ ମଧ ଏସବୁ ପ୍ରତି ସଠିକ୍ ଭାବେ ଦୃଷ୍ଟି ଦେଇପାରୁନାହାନ୍ତି । ଥାନା ବାଲା ରଖିଥିବା ଥାନା ଗୁଡିକର ସିୟୁଜି ଫୋନ ମଧ ଧରୁନଥିବାର ଅଭିଯୋଗ ହୋଇଚାଲିଛି , ଏତିକି ବେଳେ ସହରରେ ୨ ଟି ହତ୍ୟାକାଣ୍ଡ ସାଙ୍ଗକୁ ଲୁଟ୍ ଭଳି ଘଟଣା ସହରରେ ଭିନ୍ନ ବାତାବରଣ ସୃଷ୍ଟି କରିଚି । ଏହି ସମୟରେ ପୂର୍ବତନ ଏସପି ଶୁଶିଲ ପ୍ରଧାନଙ୍କ ଠାରୁ ଆରମ୍ଭ କରି ଦିପ୍ତେଶ ପଟ୍ଟନାୟକ, ହିମାଂଶୁ ଲାଲଙ୍କ ସମୟ କଥା ଲୋକେ ମନେ ପକାଇବା ସହ ଏସପି ଶୁଶିଲ ପ୍ରଧାନଙ୍କୁ ମଧ କିଛିଲୋକ ସ୍ୱତନ୍ତ୍ର ଭାବେ ଆଲୋଚନା ଭିତରକୁ ଆଣିବା ସହ ସେମାନଙ୍କ ସମୟରେ ଏସପି ଭାବେ ସେମାନେ ସକାଳୁ ରାତି ଭିତରେ ସହରର ବିଭିନ୍ନ ସ୍ଥାନରେ ବୁଲୁଥିବା କଥା ପୁଲିସ ଓ ସହର ବାସିଙ୍କ ଭିତରେ ପ୍ରଭାବ ପକାଉଥିଲା । ଦିପ୍ତେଶ ଓ ହିମାଂଶୁ ବାବୁଙ୍କ ସମୟରେ ମାଓବାଦୀଙ୍କ ମୁକାବିଲା ନେଇ ଓଡିଶା ପୁଲିସର କାମ କରିବାର ଚାଲେଂଜ ମଧ ସମ୍ମୁଖକୁ ଆସିଥିଲା । ଖାଲି ସେତିକି ନୁହେଁ ହଠାତ୍ ଥାନାରେ ପହଁଚି ଠକ ମାନଙ୍କୁ ଧରିବା ଭଳି କାମ ମଧ ବେଶ୍ ଚର୍ଚ୍ଚାର ବିଷୟ ହେଉଥିଲା । ଶୁଶିଲ ବାବୁ ରାତି ୧୦ଟାରେ ବୁଲା ଆରମ୍ଭ କରି ରାତି ୧୨ଟା ଭିତରେ ଯାହା କରୁଥିଲେ ଆମାନିଆଙ୍କ ଠାରୁ ଆରମ୍ଭ କରି ଅପରାଧୀ ତ୍ରାହି ତ୍ରାହି ଡାକୁଥିଲେ । ଧରା ପଡିଲେ ବିଟ୍ ରାସ୍ତାରେ ଯାହା ହେଉଥିଲା ତାହା ସେ ସମୟର ଅଫିସର ମାନେ ଜାଣିଥିବେ ଓ ମନେ ପଡିଲେ ହସ ମଧ ଲାଗୁଥିବ । ରାସ୍ତା କଡରେ ବେଆଇନ ଭାବେ ଗାଡି ରଖିଲେ କଣ ହୁଏ ସେ ସମୟର କିଛି ବଡ ବେପାରୀ ବର୍ତ୍ତମାନର ମଧୁବନ ହୋଟେଲ ପାଖରେ ଥିବା ସେ ସମୟର ଷ୍ଟାଣ୍ଡାର୍ଡ ବାର ପାଖରେ ଗାଡି ରଖିବା କଥା ବେଶ ଚର୍ଚ୍ଚା ହୋଇଥିଲା । ସେହି ଭଳି ୩୧ ଡିସେମ୍ବରରେ ପୁଲିସିର କାମ କେମିତି ହେବ ତାହା ମଧ ଜର୍ମାନ କ୍ଲବ ଛକଦେଇ ରାତି ୧୨ଟା ପରେ ଯାଉଥିବା ଲୋକେ ମନେ ରଖିଥିବେ । ବିଶେଷ କରି ଅବସରପ୍ରାପ୍ତ ଅଫିସର ଯଦୁମଣି ପ୍ରଧାନ ଏହାକୁ ବେଶି ମନେ ରଖିଥିବେ । ତଥାପି ସେମାନଙ୍କ ସମୟରେ ଅପରାଧ ହେଉଥିଲା କିନ୍ତୁ ତାହା ଏଭଳି ଆଲୋଚନାର ଖୋରାକ ପାଇନଥିଲା । ସେହିଭଳି ଅତିତରେ ଥିବା କିଛି ଅଫିସର ହିମାଂଶୁ ସ୍ୱାଇଁ, ପ୍ରଭାତ ରାଉତରାୟ ଓ ପି.କେ. ମିଶ୍ର, ଶଶିଭୁଷଣ ଶତପଥୀଙ୍କ ଭଳି ଅନେକ ଅଫିସରଙ୍କ ଲାଗି ଅପରାଧୀ ମାନେ ତ୍ରାହୀ ତ୍ରାହୀ ଡାକୁଥିଲେ ଓ ଏମାନେ ଅପରାଧୀ ମାନଙ୍କୁ ଧରିବାରେ ବେଶ ସଫଳତା ପାଉଥିଲେ । କିନ୍ତୁ ବର୍ତ୍ତମାନ ଦାୟୀତ୍ୱରେ ରହିଥିବା ପୋଲିସ ଅଧିକାର ମାନଙ୍କ ମଧରେ ଏସବୁ ଦେଖିବାକୁ ମିଳୁନି । ଫଳରେ ଅପରାଧି ମାନେ ଏବେ ଖୋଲାଖୋଲି ଭାବେ ଚ୍ୟାଲେଞ୍ଜ୍ କଲେଣି ପୋଲିସ । ସହରରେ ଅପରାଧ ବଢୁଥିବାରୁ ସାଧାରଣ ଲୋକ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି । ରାଉରକେଲା ସହରରେ ପୁଲିସ ବ୍ୟବସ୍ଥାକୁ ନେଇ ରାଜ୍ୟ ମୁଖିଆଙ୍କ ନିକଟରେ ବେଶ ଚର୍ଚ୍ଚା ହେଉଥିବା କୁହାଯାଉଛି, ହେଲେ ସମସ୍ୟାର ସମାଧାନ ଲାଗି ରାଜ୍ୟ ଶାସନ ବ୍ୟବସ୍ଥା କେବେ ଆଗଭର ହେଉଛି ତାକୁ ଦେଖିବାକୁ ବାକି ରହିଲା ।

## ବାଲାବାବା କ୍ଲବର ବୈଠକ ଓ କର୍ମକର୍ତ୍ତା ଚୟନ

କେନ୍ଦ୍ରାପଡା,୨୧।୧୨ (ନି.ପ୍ର): କେନ୍ଦ୍ରାପଡା ସହରର ବହୁ ପୁରାତନ ବାଲାବାବା କ୍ଲବର ଏକ ବୈଠକ ସ୍ଥାନୀୟ ମୀରପାଟଣାସ୍ଥିତ ଲୋକନାଥ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କ୍ଲବର ପୁରାତନ ଓ ନୂତନ ସଦସ୍ୟମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି । ଏହି କମିଟିରେ ସଭାପତି ଭାବେ ଅଜୟ କୁମାର ବେହେରାଙ୍କୁ ମନୋନିତ କରାଯାଇଥିବା ବେଳେ ଅନ୍ନଦା ପ୍ରସାଦ ଦାସଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଥିଲା । ଶ୍ରୀଧର ବାରିକ, ରବିନ୍ଦ୍ର କୁମାର ମଲ୍ଲିକ, ଚିରଜୀବ ରାୟ, ଜିତେନ୍ଦ୍ର ପଣ୍ଡା,ଜ୍ଞାନରଞ୍ଜନ ପରିଡା, ଶଶାଙ୍କ ଶେଖର ଓଝା, ବିବେକ ବିକାଶ ମହାନ୍ତି, ବିଜୟ କର, ଅଶିତ ଦାସ, ରଞ୍ଜନୀକାନ୍ତ ନାୟକ, ପ୍ରକାଶ ମହାଳିକ, ଆଦର୍ଶ ଦାସ,ସେକ୍ ସଇବୁଦ୍ଦିନ, ସେକ୍ ତଫିରୁଦ୍ଦିନ୍ ଓ କ୍ଲବର ଅନ୍ୟ ସଦସ୍ୟଙ୍କ ସହ ବହୁ ଉଦୟମାନ ଖେଳାଳୀ ଉପସ୍ଥିତଥିଲେ ।

## ଏମକେସିଜି ମେଡ଼ିକାଲ କଲେଜ ଡ଼ିନ୍‌ଙ୍କ ଜାଲ୍ ଦସ୍ତଖତରେ ଯୁବକ ଯୁବତୀଙ୍କୁ ଆଟେଣ୍ଡାଂଟ ନିଯୁକ୍ତିପତ୍ର ପ୍ରଦାନ: ଥାନାରେ ଏତଲା, ପୋଲିସର ତନାଘନା

ଗଞ୍ଜାମ,୨୧।୧୨ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡ଼ିକାଲ କଲେଜ ଡ଼ିନ୍ ଙ୍କ ଜାଲ୍ ଦସ୍ତଖତ କରି ବେକାର ଯୁବକ ଯୁବତୀଙ୍କୁ ଆଟେଣ୍ଡାଂଟ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି । ଗତ ୧୫ ଦିନ ହେଲା ନିଯୁକ୍ତି ପତ୍ର ବଂଟନ କରାଯାଇଥିବା ବେଳେ ଗତକାଲି ଡ଼ିନ୍ ପ୍ରଫେସର ଦିପ୍ତୀମୟୀ ତ୍ରିପାଠୀ ଏ ସମ୍ପର୍କରେ ବୈଦ୍ୟନାଥପୁର ଥାନାରେ ଏତଲା କରିଛନ୍ତି । ବର୍ତ୍ତମାନ ଏମକେସିଜି ଆଟେଣ୍ଡାଂଟ ନିଯୁକ୍ତି ନେଇ ବିବାଦ ବଢି ଚାଲିଥିବା ବେଳେ ଦଲାଲ୍ ମାନେ ଟଙ୍କା ଲୁଟିବା ପାଇଁ ଜାଲ୍ ବିଛାଇ ଥିବା ଏହି ଘଟଣାରୁ ସ୍ପଷ୍ଟ ହୋଇଛି । ସମସ୍ତ ନିଯୁକ୍ତି ପତ୍ର ପୋଷ୍ଟାଲରେ ଆସିଥିବା ବେଳେ ଯୁବକ ଯୁବତୀ ମାନେ ପ୍ରକାଶ କରିଛନ୍ତି । ତେବେ କେଉଁଠାରୁ ସେହି ନିଯୁକ୍ତି ପତ୍ର ଆସିଲା ତାହାର କୌଣସି ଠିକଣା ଦିଆଯାଇନାହିଁ । ଦଲାଲ୍ ମାନେ ଏଭଳି କରୁଥିବା ଜଣାପଡିବା ପରେ ପୋଲିସ ଦଲାଲ୍ ଙ୍କୁ ଖୋଜୁଛି । ଅନ୍ୟପକ୍ଷରେ ଏମକେସିଜିରେ ଆଟେଣ୍ଡାଂଟ ନିଯୁକ୍ତି ପାଇଁ କୌଣସି ଦେୟ ବା ଫି ଦେବାକୁ ପଡେନାହିଁ ବୋଲି ଡ଼ାକ୍ତରଖାନା ଅଧିକ୍ଷକ ପ୍ରଫେସର ଡ଼ାକ୍ତର ସନ୍ତୋଷ କୁମାର ମିଶ୍ର କହିଛନ୍ତି । କୌଣସି ବ୍ୟକ୍ତି ଯଦି କାହାରିକୁ ଚାକିରୀ କରାଇଦେବା ପାଇଁ ଟଙ୍କା ଦିଅନ୍ତି, ତେବେ ଏଥି ପାଇଁ ଏମକେସିଜି କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ବୋଲି ସେ କହିଛନ୍ତି ।

## ଛୁଆଳିଆ ପୀଠରେ ସାହିତ୍ୟ ସଭା ଓ କବିତା ପାଠ ଉତ୍ସବ

କେନ୍ଦ୍ରାପଡା,୨୧।୧୨ (ନି.ପ୍ର): ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ପ୍ରସିଦ୍ଧ ଶକ୍ତିପୀଠ ଛୁଆଳିଆ ଠାକୁରାଣୀଙ୍କ ଠାରେ ମାସକ ବୈଠକ ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କରୋନା ମହାମାରୀରେ ମସିହା ୨୦୨୦ ଶୀର୍ଷକ ବିଷୟ କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ସତିର୍ଥର ସଂପାଦକ ମନ୍ମଥ ବରାଳ ମୁଖ୍ୟ ଅତିଥି ଓ ଜିଲ୍ଲା ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି ରାମକୃଷ୍ଣ ଦାସ ଓ କବି ଚାରୁଲତା ଭୂୟାଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କରୋନା ମହାମାରୀର ଭୟଙ୍କର ପରିସ୍ଥିତି ସଂପର୍କରେ ଆଲୋଚନା କରାଯାଇ ଏହା ଜନ ସାଧାରଣଙ୍କୁ ବହୁ ଶିକ୍ଷା ପ୍ରଦାନ କରିଛି ବୋଲି ମତ ପ୍ରକାଶ ପାଇଥିଲା । ମେଜର ଭରତ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିଲେ । ସଂପାଦକ ସ୍ୱପ୍ନାଂଶୁ କୁମାର ଦାସ, ସଂଜୟ କୁମାର ମଲିକ, ଅଶୋକ କୁମାର ସାହୁଙ୍କ ସଂଯୋଜନା ରେ କବିତା ପାଠ କରାଯାଇ ଥିଲା । ଏଥିରେ ଭରତ ଚରଣ ସାହୁ, ଇଶ୍ୱର ଚନ୍ଦ୍ର ପୃଷ୍ଟି, ତିତିକାନ୍ତ ନାୟକ, କବିତା ମୁଦୁଲି, ରଞ୍ଜନ ବାଇ, ସଂଜୟ କୁମାର ମଥାନ ପ୍ରମୁଖ ବହୁ କବି ସ୍ୱରଚିତ କବିତା ଆବୃତି କରିଥିଲେ ।

## ନିଖିଳ ଓଡିଶା ଏମଡିଏମ ପାଚିକା ମହାସଂଘର ଜିଲ୍ଲାସ୍ତରୀୟ ବୈଠକ

ନୂଆପଡା,୨୧।୧୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଅଗ୍ରସେନ ଭବନ ପରିସର ମଧ୍ୟରେ ନିଖିଳ ଓଡିଶା ଏମଡିଏମ ପାଚିକା ମହାସଂଘର ନୂଆପଡା ଜିଲ୍ଲାସ୍ତରୀୟ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ନିଖିଳ ଓଡିଶା ଏମଡିଏମ ପାଚିକା ମହାସଂଘର ରାଜ୍ୟ ଉପସଭାପତି ସୁବାଶ ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦାନ କରି ରାଜ୍ୟ ଏବଂ କେନ୍ଦ୍ର ସରକାର ଶ୍ରମିକଙ୍କ ସକାଶେ ସର୍ବନିମ୍ନ ମଜୁରୀ ଧାର୍ଯ୍ୟ କରିଥିବା ବେଳେ ଏମଡିଏମ ପାଚିକାଙ୍କ ସକାଶେ ଏହି ମଜୁରୀ କାହିଁକି ଧାର୍ଯ୍ୟ କରାଯାଉନାହିଁ, ସେନେଇ ପ୍ରଶ୍ନ କରି ସରକାର ପାଚିକଙ୍କୁ ଅତିଶିଘ୍ର ସର୍ବନିମ୍ନ ମଜୁରୀ ଯୋଗାଇ ଦେବାକୁ ଦାବୀ କରିଥିଲେ । ଏହି ବୈଠକରେ ଅନ୍ୟାନ୍ୟ ଅତିଥି ଭାବରେ ରାଜ୍ୟ ସମ୍ପାଦିକା ମାଧୁରୀ କଲତା, ବଲାଙ୍ଗିର ଜିଲ୍ଲା ସମ୍ପାଦକ ପାଣ୍ଡବ ଭୋଇ, ବଲାଙ୍ଗିର ନିର୍ମାଣ ଶ୍ରମିକ ସଂଗଠନର ଗୋପାଳ ଭୋଇ, ପାଚିକା ସଂଘ ଉପଦେଷ୍ଟା ଯୁଧିଷ୍ଠିର ପ୍ରଧାନୀ, ନୂଆପଡା ଜିଲ୍ଲା ସଭାନେତ୍ରୀ ଧନମତୀ ଖର୍ସେଲ, ନୂଆପଡା ଜିଲ୍ଲା ସମ୍ପାଦିକା ଅନୁପମା ବାଗ, ଉପସଭାନେତ୍ରୀ ରାମବାଇ ରାଉତ ଓ ବିଶାଖା ରାଉତ, ସହ ସମ୍ପାଦିକା ବିମଳା ରାଉତ ଓ କୌଶଲ୍ୟା ଗୁଆଲ ଏବଂ କୋଷାଧ୍ୟକ୍ଷା ସଜନୀ ବନଛୋର ପ୍ରମୁଖ ଯୋଗଦାନ କରିଥିଲେ । ଏହି ଅବସରରେ ୨୫ ଜଣିଆ କମିଟି ଗଠିତ ହୋଇଥିଲା । ପାଚିକାଙ୍କୁ ମାସିକ ୨୧ହଜାର ଟଙ୍କା ପାରିଶ୍ରମିକ ପ୍ରଦାନ, ବକେୟା ଥିବା ୨୮ ମାସର ଟଙ୍କା ପ୍ରଦାନ, ଡ୍ରେସ କୋଡ ଲାଗୁ କରାଯିବା, ସେଫଟି ଡ୍ରେସ ପ୍ରଦାନ ପ୍ରମୁଖ ଦାବୀ କରାଯାଇଥିଲା । ଏଥିରେ ଜିଲ୍ଲାର ଶତାଧିକ ପାଚିକା ଯୋଗଦାନ କରିଥିଲେ ।

## ସ୍ୱାଭିମାନ ଅଂଚଳ ଏନକାଉଂଟର ପ୍ରତିବାଦରେ ମାଓ ସଂଗଠନ ପକ୍ଷରୁ ମାଲକାନଗିରି ବନ୍ଦ ଡାକରା

ମାଲକାନଗିରି,୨୧।୧୨ (ନି.ପ୍ର): ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଂଚଳରେ ପୁଲିସର ଏନ୍‌କାଉଂଟରକୁ ମିଥ୍ୟା ବୋଲି ଦର୍ଶାଇ ନକ୍ସଲ ସଂଗଠନ ଏହାର ବିରୋଧ କରିଛି । ଏନ୍‌କାଉଂଟର ନାମରେ ତିନି ଜଣ ନକ୍ସଲଙ୍କୁ ହତ୍ୟା କରାଯାଇଥିବା ନେଇ ଆନ୍ଧ୍ର ଓଡିଶା ବୋଡର ଡିଭିଜନର ସଚିବ କେ ?ଲାସ ଆଜି ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି । ସ୍ୱାଭିମାନ ଅଂଚଳରେ ବିଏସଏଫ କ୍ୟାମ୍ପ ପ୍ରତିଷ୍ଠା କରି ଲୋକଙ୍କୁ ନିର୍ଯାତନା ଦେଉଥିବା କେ ?ଲାସ ଏଥିରେ ଅଭିଯୋଗ କରିଛନ୍ତି । ପୁଲିସର ଏଭଳି କାର୍ଯ୍ୟକଳାପ ଲୋକଙ୍କ ଜୀବନଜୀବିକା ଉପରେ ପ୍ରଭାବ ପକାଉଛି । ଏପରିକି ଲୋକଙ୍କ ଛେଳି, ମେଣ୍ଢା ଓ କୁକୁଡା ଇତ୍ୟାଦି ଖାଇଦେଉଛନ୍ତି । ମିଥ୍ୟା ଏନ୍‌କାଉଂଟରରେ ମୃତ୍ୟୁବରଣ କରିଥିବା ସହିଦଙ୍କ ପରିବାରକୁ ଆମେ ସହାନୁଭୂତି ଜଣାଉଛୁ ବୋଲି ଏଥିରେ କୁହାଯାଇଛି । କେ ?ଲାସ ଆହୁରି କହିଛନ୍ତି ଯେ ପୁଲିସ ବେଆଇନ ଭାବେ ନିରୀହ ଲୋକଙ୍କୁ ଗିରଫ କରି ଜେଲରେ ଭର୍ତି କରି ନିର୍ଯାତନା ଦେବା, ବାଧ୍ୟତାମୂଳକ ଆତ୍ମସମର୍ପଣ କରାଇବା, ନକ୍ସଲଙ୍କୁ ଧରି ମିଥ୍ୟା ଏନ୍‌କାଉଂଟର କରିବା ଭଳି କାର୍ଯ୍ୟ ଜାରି ରଖିଛି । ପୁଲିସ ମାଓ ମିଲିଟାରି କମାଣ୍ଡର କିଶୋରକୁ ଧରିଥିଲେ ଏବଂ ତାକୁ ହତ୍ୟା କରିଥିଲେ । ସେହିପରି ବିଶାଖାପଟ୍ଟନମ୍ ଏସ୍‌ପି କିଛି ସୂଚନାଦାତାକୁ ଚାକିରି ଦେବା ନାମରେ ଠକେଇ କରୁଛନ୍ତି । ନିରୀହ ଲୋକଙ୍କୁ ସୂଚନାଦାତା ଭାବେ ରଖିବା ସହ ସେମାନଙ୍କୁ ପୁଲିସ ପୋଷାକ ପିନ୍ଧିବାକୁ ବାଧ କରାଯିବା ସହ ସେମାନଙ୍କୁ ହଇରାଣ କରାଯାଉଛି । ମାଲକାନଗିରି ପୁଲିସ ମଧ କିଛି ନକ୍ସଲଙ୍କୁ ଗିରଫ କରି ରଖିଛି । ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇ ନ ଥିବା ଅଭିଯୋଗ କରାଯାଇଛି । ପୁଲିସର ଏଭଳି କାର୍ଯ୍ୟକଳାପକୁ ବିରୋଧ କରି ଆସନ୍ତା ୨୧ ତାରିଖ ଦିନ ମାଓ ସଂଗଠନ ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି । ଏହି ବନ୍ଦକୁ ସଫଳ କରିବାକୁ କେ ?ଲାସ ଆହ୍ୱାନ ଦେଇଛନ୍ତି । ବନ୍ଦ ବେଳେ ଜରୁରୀକାଳୀନ ସେବା ଜାରି ରହିବ ବୋଲି ଏହି ବିବୃତିରେ କୁହାଯାଇଛି । ତେବେ ମାଓବାଦୀଙ୍କ ଏହି ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ପୁଲିସ ସଜାଗ ରହିଛି । ଗୁଇନ୍ଦା ବିଭାଗକୁ ଅଧିକା ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯିବା ସହ ନକ୍ସଲଙ୍କ ଗତିବିଧି ଉପରେ ନଜର ରଖିବାକୁ କୁହାଯାଇଛି ।

## ଲିଆଡ ମଣ୍ଡିରେ ଧାନବସ୍ତା ଖୋଲା ଆକାଶ ତଳେ

ନୂଆପଡା,୨୧।୧୨ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଲିଆଡ ଗ୍ରାମ ଠାରେ ଥିବା ମଣ୍ଡିରେ ଧାନବସ୍ତା ଖୋଲା ଆକାଶ ତଳେ ପଡି ରହିଛି । ଫଳରେ ଧାନ ବିକ୍ରି ନେଇ ଚାଷୀ ସମସ୍ୟାରେ ପଡିଅଛି । ଗତ ୧୭ ତାରିଖ ପର୍ଯ୍ୟନ୍ତ ଲିଆଡ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ୭୨ ଜଣଙ୍କର ନାମ ପଞ୍ଜିକୃତ ହୋଇଥିଲା । ହେଲେ ସେଥିମଧ୍ୟରୁ ୩୬ ଜଣ ଚାଷୀଙ୍କର ଧାନ ବିକ୍ରି ନେଇ ଟୋକନ ପ୍ରଦାନ କରାଯାଇଛି । ୧୭ ତାରିଖ ଠାରୁ ଯୋଉଁ ଚାଷୀ ମାନଙ୍କର ଧାନ ବିକ୍ରି ସମୟ ଆସିଛି ସେମାନଙ୍କୁ ଆଜି ପର୍ଯ୍ୟନ୍ତ ଟୋକନ ଦିଆଯାଇନାହିଁ । ଯାହାଫଳରେ ଚାଷୀ ମାନେ ଚିନ୍ତାରେ ପଡି ଯାଇଛନ୍ତି । ମଣ୍ଡିରେ ଚାଷୀ ମାନେ ଧାନବସ୍ତା ଥାପି ତାରପୋଲିନ ଢାଙ୍କି ପ୍ରଚଣ୍ଡ ଶୀତରେ ଧାନକୁ ଜଗି ରହିଥିବା ଅଭିଯୋଗ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଚାଷୀଙ୍କୁ ଅତିଶିଘ୍ର ଟୋକନ ପ୍ରଦାନ କରି ଧାନ କ୍ରୟ କରିବା ବ୍ୟବସ୍ଥା କରିବାକୁ ଚାଷୀ ମହଲରେ ଦାବୀ ହେଉଛି ।

## ବଳଦେବ ସେନା ପକ୍ଷରୁ ମେଗା ରକ୍ତଦାନ ଶିବିର

କେନ୍ଦ୍ରାପଡା,୨୧।୧୨ (ନି.ପ୍ର): କେନ୍ଦ୍ରାପଡା ର ଜଣାଶୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଳଦେବ ସେନା ପକ୍ଷରୁ ଇଛାପୁର ସ୍ଥିତ ଯାତ୍ରୀ ନିବାସ ପରିସର ରେ ରବିବାର ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ୱେଚ୍ଛାକୃତ ରକ୍ତଦାତା ମାନେ ଅଂଶ ଗ୍ରହଣ କରି ୭୧ ୟୁନିଟ୍ ରକ୍ତଦାନ କରିଥିଲେ । କଟକ ସେଣ୍ଟ୍ରାଲ ରେଡକ୍ରସ ବ୍ଲଡ ବ୍ୟାଙ୍କର ଡାକ୍ତରୀ ଦଳଙ୍କ ସହାୟତା ରେ ରକ୍ତ ସଂଗ୍ରହ କରାଯାଇ ଥିଲା । ବଳଦେବ ସେନାର ସଭାପତି ପପୁନ କୁମାର ସ୍ୱାଇଁ, ସଂପାଦକ ଅମର କୁମାର ବାରିକଙ୍କ ସମେତ ନିରଞ୍ଜନ ସୁଆର , ଇଂ ପ୍ରଦିପ୍ତ କୁମାର ଶତପଥୀ, ଶୁଭମ କର, ଗୌତମ ସାହୁ, ପପୁନି ପରିଡା ପ୍ରମୁଖ ଏହି ଶିବିର ପରିଚାଳନାରେ ସହାୟତା କରିଥିଲେ ।

## ବିଜେପିର ୫ ଦିନିଆ 'ପରୀକୁ ନ୍ୟାୟ ପାଇଁ ପଦଯାତ୍ରା'ଆରମ୍ଭ

ଭୁବନେଶ୍ୱର,୨୧।୧୨ (ନି.ପ୍ର): ପରୀ ସମେତ ରାଜ୍ୟରେ ୫ ହଜାରରୁ ଉର୍ଦ୍ଧ୍ୱ ନିଖୋଜ ଶିଶୁଙ୍କୁ ନ୍ୟାୟ ପାଇଁ ବିଜେପିର ୫ ଦିନିଆ ପରୀକୁ ନ୍ୟାୟ ପାଇଁ ପଦଯାତ୍ରା ଆଜି ଆରମ୍ଭ ହୋଇଛି । ରବିବାର ସକାଳ ୯ଟାରେ ଭୁବନେଶ୍ୱର ଶ୍ରୀ ଲିଙ୍ଗରାଜ ମନ୍ଦିର ନିକଟରୁ ଏକ ପଦଯାତ୍ରା ଆରମ୍ଭ ହୋଇଛି । ଏହି ଅବସରରେ ପାର୍ଟିର ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ଅଧକ୍ଷା ଶ୍ରୀମତୀ ଭନିତା ଶ୍ରୀନିବାସନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଓ ଅନ୍ୟ ବରିଷ୍ଠ ନେତା ମାନେ ଉପସ୍ଥିତ ଥିଲେ । ଏହି ପଦଯାତ୍ରା ଆଗାମୀ ୫ ଦିନରେ ୯୮ କିଲୋମିଟର ଯାତ୍ରାକରି ପରୀର ଗାଁ ନୟାଗଡର ଯଦୁପୁର ଠାରେ ପହଂଚିବ । ଏହି ପଦଯାତ୍ରାର ପ୍ରଥମ ଦିନରେ ଯୋଗ ଦେଇ ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ଅଧକ୍ଷା ଶ୍ରୀମତୀ ଭନିଥା ଶ୍ରୀନିବାସନ କହିଛନ୍ତି ଯେ, ନିଖୋଜ ଶିଶୁମାନଙ୍କୁ ନ୍ୟାୟ ଦେବା ପାଇଁ ଆଜି ଏହି ପଦଯାତ୍ରା ଆରମ୍ଭ ହୋଇଛି । ଯେଉଁ ପର୍ଯ୍ୟନ୍ତ ଏହି ଘଟଣାର ସମାଧାନ ନହେବ ଓ ସେମାନଙ୍କୁ ନ୍ୟାୟ ନମିଳିବ ସେ ପର୍ଯ୍ୟନ୍ତ ଏହି ଲଢେଇ ଜାରି ରହିବ । ଏହି ଅନ୍ଦୋଳନ ବର୍ତ୍ତମାନ ବଡ ରୂପ ନେଇସାରିଛି । ଅଗାମୀ ଦିନରେ ପ୍ରତ୍ୟେକ ରାଜ୍ୟବାସୀଙ୍କ ଘରେ ଘରେ ଏହି ଆନ୍ଦୋଳନ ହେବ । ତେଣୁ ପରୀ ସମେତ ରାଜ୍ୟର ନିଖୋଜ ଶିଶୁମାନଙ୍କୁ ନ୍ୟାୟ ଦେବା ପାଇଁ ସଂପୂର୍ଣ୍ଣ ଘଟଣାକୁ ସିବିଆଇ ଦ୍ୱାରା ତଦନ୍ତ ଏବଂ ମନ୍ତ୍ରୀ ଅରୁଣ ସାହୁଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରିବା ପାଇଁ ଶ୍ରୀମତୀ ଶ୍ରୀନିବାସନ ଦାବୀ କରିଛନ୍ତି । ଏନସିପିସିଆର ଆୟୋଗ ଜାଣିବାକୁ ପାଇଛନ୍ତି ଯେ, ପୋଲିସ ଓ ପ୍ରଶାସନ ପରୀ ହତ୍ୟାକାଣ୍ଡ ଘଟଣାର ତଦନ୍ତରେ ଗୁରୁତର ଅବହେଳା କରିଛନ୍ତି ଏବଂ ତଦନ୍ତର ଦିଗ ତ୍ରୁଟିପୂର୍ଣ୍ଣ ରହିଛି । ଯାହାଦ୍ୱାରା ନାବାଳିକା ହତ୍ୟାକାଣ୍ଡ ଭଳି ସମ୍ବେଦନଶୀଳ ଘଟଣାରେ ତଦନ୍ତ ପ୍ରକ୍ରିୟାରେ ବିଳମ୍ବ ଘଟିଛି । ତେଣୁ ଏହି ଘଟଣାର ତଦନ୍ତ ଜାତୀୟ ସ୍ତରୀୟ ସଂସ୍ଥା ଦ୍ୱାରା କରିବା ପାଇଁ ଆୟୋଗ କହିଛନ୍ତି । ତେଣୁ ରାଜ୍ୟ ସରକାର ପ୍ରଥମେ ମନ୍ତ୍ରୀ ଅରୁଣ ସାହୁଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରିବା ସହ ସଂପୂର୍ଣ୍ଣ ଘଟଣାକୁ ସିବିଆଇ ଦ୍ୱାରା ନିରପେକ୍ଷ ତଦନ୍ତ କରିବା ପାଇଁ ରାଷ୍ଟ୍ରୀୟ ମୁଖପାତ୍ର ଡ.ସମ୍ବିତ ପାତ୍ର ପଦଯାତ୍ରା ଅବସରରେ ଦାବୀ କରିଛନ୍ତି । ଆଜିଠାରୁ ଆରମ୍ଭ ହୋଇଥିବା ୫ ଦିନିଆ ପଦଯାତ୍ରା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ପ୍ରଥମ ଦିନରେ ଏହି ପଦଯାତ୍ରା ଭୁବନେଶ୍ୱରରୁ ବାହାରି ଜାଁଳାଠାରେ ରାତ୍ରଯାପନ କରିବ । ଆସନ୍ତା କାଲି ୨୧ ତାରିଖ ଦିନ ଜାଁଳାରୁ ସାରୁଅ, ୨୨ ତାରିଖରେ ସାରୁଆରୁ ବୋଲଗଡ (ପିଟୁକୁଳି), ୨୩ ତାରିଖରେ ବୋଲଗଡ (ପିଟୁକୁଳି)ରୁ ଇଟାମାଟି ଏବଂ ୨୪ ତାରିଖରେ ଇଟାମାଟିରୁ ନୟାଗଡ ହୋଇ ଯଦୁପୁରଠାରେ ଯାତ୍ରା ସମାପ୍ତ ହେବ । ପରୀ ସମେତ ରାଜ୍ୟର ସମସ୍ତ ନିଖୋଜ ଶିଶୁଙ୍କ ମାଁ ମାନଙ୍କୁ ନ୍ୟାୟ ଦେବା ପାଇଁ ଘଟଣାର ସିବିଆଇ ତଦନ୍ତ ଏବଂ ପ୍ରଭାବିତ କରୁଥିବା ପ୍ରଭାବଶାଳୀ ମନ୍ତ୍ରୀ ଅରୁଣସାହୁଙ୍କ ବହିଷ୍କାର ଏହି ପଦଯାତ୍ରାର ମୁଖ୍ୟ ପ୍ରସଙ୍ଗ ହେବ । ଏହି ପଦଯାତ୍ରାର ପ୍ରଥମ ଦିନରେ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ବରିଷ୍ଠ ନେତ୍ରୀ ସୁରମା ପାଢୀ, ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ପ୍ରଭାତୀ ପରିଡା, ଅନୀତା ଶୁଭଦର୍ଶିନୀ, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ମହାପାତ୍ର, ଡ.ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ସଂପାଦକ କାଳନ୍ଦୀ ସାମଲ, ଅମର ନାୟକ, ପିଙ୍କି ପ୍ରଧାନ, ସିପ୍ରା ବାଜପେୟୀ, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ,ଦିଲୀପ ମହାନ୍ତି, ଡ.ଯତୀନ ମହାନ୍ତି, ବିରଂଚି ତ୍ରିପାଠୀ, ଠାକୁର ରଣଜିତ୍ ଦାସ, ଉମାକାନ୍ତ ପଟ୍ଟନାୟକ, ସୋନାଲି ସାହୁ, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ, ଜଗନ୍ନାଥ ପ୍ରଧାନ, ହରେକୃଷ୍ଣ ଖୁଂଟିଆଙ୍କ ସମେତ ହଜାର ହଜାର କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ । ଯାତ୍ରା ଅବସରରେ ପଦଯାତ୍ରୀଙ୍କୁ ବିଭିନ୍ନ ସ୍ଥାନରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସମେତ ସଚେତନ ନାଗରିକ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଛାତ୍ରନେତା ତଥା ସମାଜର ବିଭିନ୍ନ କ୍ଷେତ୍ରର ନେତୃତ୍ୱମାନେ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ ।

## ଶ୍ରୀ ଶ୍ରୀ ରାଧା ଗୋବିନ୍ଦଜୀଉଙ୍କ ଜମିକୁ ଜବରଦଖଲ: ଟାଉନ ଥାନାରେ ଅଭିଯୋଗ

କେନ୍ଦ୍ରାପଡା,୨୧।୧୨ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ଚାଟରାପାଟଣା ସ୍ଥିତ ଶ୍ରୀ ରାଧା ଗୋବିନ୍ଦଜୀୟୁ ଙ୍କ ଭୂସମ୍ପତି ଉପରେ ଜବରଦସ୍ତ ରାସ୍ତା ନିର୍ମାଣକୁ ନେଇ ଟାଉନ ଥାନାରେ ଅଭିଯୋଗ କରାଯାଇଛି । ଜବରଦଖଲ କରିଥିବା ବ୍ୟକ୍ତିଙ୍କୁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବାରଣ କରାଗଲେ ମଧ ବ୍ୟକ୍ତି ଜଣକ ଧମକ ଚମକ ଦେବା , ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ଓ ଜୀବନରେ ମାରି ଦେବାକୁ ଧମକ ଦେଉଥିବା ଏତଲାରେ ଅଭିଯୋଗ କରାଯାଇଛି । କେନ୍ଦ୍ରାପଡାର ପ୍ରସିଦ୍ଧ ଶ୍ରୀ ଶ୍ରୀ ରାଧା ଗୋବିନ୍ଦଜୀୟୁଙ୍କ ଜମି ଉପରେ ବଣିଆମାଳ ଗ୍ରାମର ପ୍ରଣବ କୁମାର ଦାସ ୨ଟି ଜେସିବି ମେସିନ ଲଗାଇ ସ୍ଥାୟୀ ରାସ୍ତା ନିର୍ମାଣ କରୁଥିବା ବେଳେ ମନ୍ଦିର ର ମାନେଜିଂ ଟ୍ରଷ୍ଟି ମାନସ ରଞ୍ଜନ ମହାନ୍ତି ତାଙ୍କୁ ବାରଣ କରିଥିଲେ । ଏହା ଦେବୋତର ବିଭାଗର ପରିଚାଳନାରେ ଥିବାରୁ ଏ ସମ୍ବନ୍ଧରେ ଏଣ୍ଡାମେଣ୍ଟର ଆସିଷ୍ଟାଣ୍ଡ କମିଶନର ପକ୍ଷରୁ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ପାଇଁ ଏକ ଆଦେଶ ଆସିବାରୁ ଏ ବାବଦରେ ପ୍ରଣବଙ୍କୁ ସୂଚାଇ ଦିଆଯାଇ ଥିଲା । ମାତ୍ର ସେ ଏହାକୁ ଖାତିର ନକରି ଓଲଟା ଗାଳିଗୁଲଜ କରିଥିବା ଅଭିଯୋଗ କରି ଟ୍ରଷ୍ଟି ମାନସ ଙ୍କ ସମେତ ଶୁଭେନ୍ଦୁ କୁମାର ବାରିକ, ନିରଞ୍ଜନ ସାହୁ, ପ୍ରଭାତ କୁମାର ପାଣି, ଜାନକୀ ବଲ୍ଲଭ ସାମନ୍ତରାୟ, ମାନସ କୁମାର ସାମଲ, ଆଶିଷ ପାଣି, ବିଶ୍ୱଜିତ୍ ରାଉତ, ରାମଚନ୍ଦ୍ର ଜେନା ପ୍ରମୁଖ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

## କୃଷିବିଲ ପ୍ରତ୍ୟାହାର ଆନ୍ଦୋଳନରେ ସହିଦ୍ କୃଷକ ମାନଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡା,୨୧।୧୨ (ନି.ପ୍ର): କେନ୍ଦ୍ର ସରକାର ଗ୍ରହଣ କରିଥିବା ୩ଟି କୃଷିବିଲ ପ୍ରତ୍ୟାହାର ଦାବିରେ ରବିବାର ଦେଶ ସାରା ଧାରଣାରେ ବସିଥିବା ୪୦ଜଣ ସହିଦ୍ କୃଷକ ମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି । ଏନେଇ ରବିବାର ପୁରୁଣା ବସଷ୍ଟାଣ୍ଡ ଠାରେ ବିଭିନ୍ନ କୃଷକ ସଂଗଠନ ଓ ବାମପନ୍ଥୀ ଦଳ ତରଫରୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇ ସହିଦ୍ ମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇ ଥିଲା ।

## ଆମେ ବିପଦରେ ସାଥୀ ପକ୍ଷରୁ ମାଗଣା ବସ୍ତ୍ର ବଂଟନ

କୋରେଇ,୨୧।୧୨ (ନି.ପ୍ର): ଯାଜପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମେ ବିପଦରେ ସାଥି ପକ୍ଷରୁ ଆଜି ପାଣିକୋଇଲି ଠାରେ ମାଗଣା ବସ୍ତ୍ର ବଂଟନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଲୋକ ମାନଙ୍କ ଠାରୁ ବସ୍ତ୍ର ଗ୍ରହଣ ଓ ବସ୍ତ୍ର ବଂଟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅତିଥିଭାବେ ଯାଜପରରୋଡ ଏସଡିପିଓ ଚିନ୍ମୟ ନାୟକ, ପାଣିକୋଇଲି ଥାନାଧିକାରୀ ଚକ୍ରପତି କଅଁର, ବରୀ ରାମଚନ୍ଦ୍ରପୁର ଥାନାଧିକାରୀ ଅଜୟ କୁମାର ଜେନା, କୋରାଇ ପ୍ରେସ କ୍ଲବ ସଭାପତି ସୁବାସ ଧଳ, ଭାରତୀୟ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ନିହାର ରଂଜନ ଦାସ, ପଥରପଦା ସରପଂଚ ପ୍ରକାଶ ଚନ୍ଦ୍ର ମଲ୍ଲିକ, ସମିତିସଭ୍ୟା ପ୍ରତିନିଧି ସନ୍ତୋଷ କୁମାର ବେହେରା, ପାଣିକୋଇଲି ସମିତିସଭ୍ୟ ସେକ ଜହର ଅଲ୍ଲୀ, ବରିଷ୍ଠ ନାଗରିକ ମଂଚ ସଭାପତି ନୃସିଂହ ଚରଣ ଦଳାଇ, ସମ୍ପାଦକ ସୁରେନ୍ଦ୍ର ରାୟ, ଶ୍ରମିକ ନେତା ରଘୁନାଥ ମାଝୀ, ବ୍ଲକ କଂଗ୍ରେସ ସଭାପତି ମଧୁଦୂଦନ ସାହୁ, କୃଷକ ନେତା ବଳରାମ ସାହୁ, ଅଦୈତ୍ୟ ଚରଣ ଦାଶ ପ୍ରମୁଖ ଯୋଗଦେଇ ସାଥି ମାନଙ୍କୁ ଉତ୍ସାହିତ କରିଥିଲେ । ଅନୁଷ୍ଠାନ ପକ୍ଷରୁ ତାରିଣୀ କୁମାର ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ଦାସ, ମନମୋହନ ବାରିକ, ଅଶୋକ ବେହେରା, ରବିନ୍ଦ୍ର ବେହେରା, ସୁଧାଶଙ୍କର ବିଶ୍ୱାଳ, ରାକେଶ ରଂଜନ ପଣ୍ଡା, ବିଜୟାନନ୍ଦ କବି, ତପନ ମହାନ୍ତି, ରାକେଶ ରଂଜନ ପରିଡା, ଶୋଭିନ ପରିଡା, ସୁରଜିତ ସାହୁ, ବିକାଶ ପ୍ରଧାନ, ରାହାସ ମଲିକ, ଶିବାନନ୍ଦ ବେହେରା, ପ୍ରଶମିତ କୁମାର ଗୁରୁ, ଅଜୟ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଓଜନ ଓ ପେଶୀ ବଢ଼ାଇବା ପାଇଁ



ସାଧାରଣ ଭାବେ ଅନେକ ମୋଟାରୋଟା ଦିଶିବା ପାଇଁ ଚାହାଁନ୍ତି । ଏହାର ଅର୍ଥ, ଶରୀରରେ ମେଦ ନୁହେଁ, ମାଂସପେଶୀ ବା ଲିନ୍ ମାସ ବଢ଼ାଇବା । ଏଥିପାଇଁ ସାରା ଦିନରେ କ'ଣ ଖାଇବା ? ୧.ଆଠ ଦଶଟି ରୁଟି ବା ଏଣ୍ଡୁରି ପିଠା ବା ଥାଳିଏ ଭାତ, ୨.ଯଦି ଶାକାହାରୀ ହୋଇଥାନ୍ତି ଏକ ଗିନା ଡାଲି, ଗୋଟିଏ ଅଣ୍ଡା ବା ଦୁଇଖଣ୍ଡ ମଧ୍ୟମ ଧରଣର ମାଂସ ୩. ତିନିଶହ ମିଲିଲିଟର ଦୁଗ୍ଧ ବା ତିନି ଗିନା ଦହି, ୪. ଦୁଇଟି ଫଳ, ଏକ ବଡ଼ ଚାମଚ ଶାଗ ଓ ଦୁଇ ଗନା ତରକାରି, ୫. ସାତ-ଆଠଟି ଆଲମଣ୍ଡ ବା ଦୁଇ-ତିନିଟି ଓ୍ୱାଲନଟ ୬. ପାଞ୍ଚ ଚାମଚ ତେଲ ବା ଘିଅ ବା ଲହୁଣି, ୭. ତିନି-ଚାରି ଚାମଚ ଚିନି ବା ମହୁ । ଏସବୁକୁ ତିନିଟି ମୁଖ୍ୟ ଖାଦ୍ୟ ଏବଂ ଦୁଇଟି ଜଳଖିଆରେ ବିଭକ୍ତ କରି ଖାଆନ୍ତୁ । ସାରା ଦିନରେ ଏତିକି ହିଁ ଖାଇବେ । ସପ୍ତାହରେ ଛଅ ଦିନ ଜିମରେ ବ୍ୟାୟାମ କରନ୍ତୁ । ବ୍ୟାୟାମର ଏକ ଘଣ୍ଟା ପୂର୍ବରୁ ତିନି ଶହ କାଲୋରିର ଜଳଖିଆ (ଗୋଟିଏ ସାଣ୍ଡ୍ଉଇଚ୍ ବା ଗୋଟିଏ ପରଟା ସହ ମୁଠାଏ ଗଜା ମୁଗ ବା ବୁଟ, ଦୁଇ ଖଣ୍ଡ କୁକୁଡ଼ା ମାଂସ ବା ଗୋଟିଏ ଅଣ୍ଡା) ଖାଆନ୍ତୁ । ବ୍ୟାୟାମର ଦୁଇ ଘଣ୍ଟା ପୂର୍ବରୁ ଦୁଇ ଗ୍ଲାସ ପାଣି ପିଅନ୍ତୁ । ବ୍ୟାୟାମ ବେଳେ ମଧ୍ୟ ଅଳ୍ପ ଅଳ୍ପ ପାଣି ପିଇପାରନ୍ତି । ବ୍ୟାୟାମ ପରବର୍ତ୍ତୀ ଏକଘଣ୍ଟା ଶରୀର ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ । ଏହି ସମୟ ମଧ୍ୟରେ ଶରୀର ଉଭୟ ପୁଷ୍ଟିସାର ଓ ଶ୍ୱେତସାର ଜାତୀୟ ଖାଦ୍ୟ ଲୋଡ଼େ । ନ ଖାଇଲେ, ମାଂସପେଶୀର ତନ୍ତୁ ନଷ୍ଟ ହେବାର ଆଶଙ୍କା ଅଧିକ । ବ୍ୟାୟାମ ପରେ ସ୍ନେହସାର ଜାତୀୟ ଖାଦ୍ୟ ଖାଇବା ଅନୁଚିତ । ବ୍ୟାୟାମ ପରେ ଫଳ, ଛେନା, ଗୁଡ଼-ଚଣା, ପରଟା-ତରକାରି, ପରଟା ଦହି, ଭାତ-ସିଝା କୁକୁଡ଼ା ମାଂସ ଆଦି ଖାଇପାରନ୍ତି । ଏହି ପଦ୍ଧତିରେ ଭୋଜନ କଲେ କିଛି ସପ୍ତାହ ଭିତରେ ଓଜନ ବଢ଼ିବ, ନୂଆ ମାଂସପେଶୀ ସୃଷ୍ଟି ହେବ ।

# ପରିବା ସୁପ୍

**ଆବଶ୍ୟକ ସାମଗ୍ରୀ:**

ଛୋଟ ଛୋଟ କଟାଯାଇଥିବା ମଧ୍ୟମ ଆକାରର ଏକ ଗାଜର, ଏକ ଚତୁର୍ଥାଂଶ ଫୁଲକୋବି ଏବଂ ଶିମଳା ଲଙ୍କା (ମଞ୍ଜି କଢାଯାଇଥିବା), ଗ୍ରୀନ୍ ମଟର ଦାନା- ଅଧା ତାଟିଆ, ୧ ଇଞ୍ଚ ଅଦା କୋରା ହୋଇଥିବ କିମ୍ବା ପେଷ୍ଟ କରାଯାଇଥିବ, ବଡ଼ ଚାମଚରେ ୧ ଚାମଚ କର୍ନଫ୍ଲୋର, ୨ ଚାମଚ ବଟର ଏବଂ ୧ ଚାମଚ ଚିଲି ସସ୍, ଛୋଟ ଚାମଚରେ ଅଧା ଚାମଚ ଲେଖାଏଁ ଗୋଲମରିଚ ଗୁଣ୍ଡ ଏବଂ ଧଳା ମରିଚ ଗୁଣ୍ଡ, ସ୍ୱାଦାନୁସାରେ ଲୁଣ, ଫାଳେ ଲେମ୍ବୁ, କିଛି କଟା ଧନିଆ ପତ୍ର ।



**ପ୍ରସ୍ତୁତି:** ପୂର୍ବରୁ ପରିବଗୁଡ଼ିକୁ ଧୋଇ କାଟି ଦିଆଯାଇଥିବ । ଏବେ ବଡ଼ ଚାମଚରେ ୨ ଚାମଚ ପାଣି ନେଇ ସେଥିରେ କର୍ନଫ୍ଲୋର ଭଲ କରି ଗୋଳାଇ ଦିଅନ୍ତୁ । ଏକ କଡ଼େଇ କିମ୍ବା ଡେକ୍‌ଚି ଚୁଲିରେ ବସାଇ ବଟର ପକାଇ ଗରମ କରିବା ପରେ ଅଦା ପେଷ୍ଟ ଏବଂ ସମସ୍ତ ପରିବା ପକାଇ ୨ ମିନିଟ୍ ଧିମା ଆଞ୍ଚରେ ଭାଜନ୍ତୁ । ଏହାପରେ ଘୋଡ଼ାଇ ୨ ମିନିଟ୍ ସିଝିବାକୁ ଛାଡ଼ିଦେବେ । ପରେ ୬୦୦ ମିଲି ପାଣି, ଗୋଳା ଯାଇଥିବା କର୍ନଫ୍ଲୋର, ଗୋଲମରିଚ ଗୁଣ୍ଡ, ଧଳା ମରିଚ ଗୁଣ୍ଡ, ଚିଲି ସସ୍ ଏବଂ ଲୁଣ ପକାଇ ସୁପ୍ ଫୁଟିବା ପର୍ଯ୍ୟନ୍ତ ଗୋଳାନ୍ତୁ । ଫୁଟିଆସିବା ପରେ ୩-୪ ମିନିଟ୍ ହାଲ୍‌କା ଆଞ୍ଚରେ ବସାଇ ରଖିବେ । ଏବେ ଗ୍ୟାସ୍ ବନ୍ଦ କରି ସୁପ୍‌ରେ ସ୍ୱାଦ ଅନୁସାରେ ଲେମ୍ବୁ ରସ, କଟା ଧନିଆ ପତ୍ର ଏବଂ ଅଳ୍ପ ବଟର ପକାଇ ଗୋଳାଇ ଦିଅନ୍ତୁ । ଗରମ ଗରମ ପରଷି ଦେବାକୁ ପରିବା ସୁପ୍ ପ୍ରସ୍ତୁତ ହୋଇଗଲା ।

# ଖାଦ୍ୟର ପୋଷକତତ୍ତ୍ୱ

*ଆଜିକାଲି ସମସ୍ତ ବର୍ଗର ଲୋକ ନିଜ ଖାଦ୍ୟପାନୀୟକୁ ନେଇ ଖୁବ୍ ସଚେତନ । ବିଶେଷଜ୍ଞଙ୍କ ମତରେ କେତେକ ନିୟମ ପାଳନ କଲେ, ଖାଦ୍ୟପାନୀୟର ସଠିକ୍ ପୋଷକତତ୍ତ୍ୱ ଶରୀରକୁ ମିଳିଥାଏ ।*

♦ ଚୋପା ସହ ପ୍ରତ୍ୟେକ ପରିବାକୁ ରାନ୍ଧିବା ଉଚିତ । ଏହା ଦ୍ୱାରା ପରିବାର ପୋଷକତତ୍ତ୍ୱ ନଷ୍ଟ ହୋଇନଥାଏ ଓ ଚୋପାର ଭିଟାମିନ୍ ମଧ୍ୟ ବ୍ୟଞ୍ଜନରେ ରହିଥାଏ ।

♦ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ପରିବା ରଖନ୍ତୁ ନାହିଁ ।




ଫ୍ରିଜ୍‌ରେ ମଧ୍ୟ ବଜାରରେ ଉପଲବ୍ଧ ହେଉଥିବା 'ଜିପର୍ ପାଉଚ୍' ପରିବାର ରଖନ୍ତୁ କାରଣ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ରଖିଲେ ଏହାର ବିଷତତ୍ତ୍ୱ ପରିବା ସହ ମିଶିଯାଏ ।

♦ ପରିବା ସିଝିବାକୁ ଥିଲେ, ପ୍ରଥମେ ପାଣି ଗରମ କରି ପରେ ସେଥିରେ ପରିବା ପକାନ୍ତୁ । ଏପରି କଲେ ପରିବା ଶୀଘ୍ର ସିଝିବା ସହ ସେଥିରେ ଥିବା ଭିଟାମିନ୍ ନଷ୍ଟ ହୁଏନାହିଁ ।



# କଫ ସମସ୍ୟା



♦ ଅଧ କପ ଉଷୁମ ପାଣିରେ ଏକ ଚାମଚ ହଳଦି ଗୁଣ୍ଡ, ଏକ ଚାମ ଗୋଲମରିଚ ଗୁଣ୍ଡ ଓ ଏକ ଚାମଚ ମହୁ ଫେଣ୍ଟନ୍ତୁ । । ଉଷୁମ କରି ଦିନରେ ଦୁଇଥର ସେବନ କଲେ, ସୁଫଳ ମିଳିବ ।

♦ ଅଦାକୁ ଛୋଟ ଛୋଟ ଖଣ୍ଡରେ କାଟି, ଉଷୁମ ପାଣିରେ ପକାଇ, ଦିନରେ ଦୁଇ ତିନିଥର ପିଅନ୍ତୁ । ଅଦା ଫୁଟା ପାଣିରେ ମହୁ ଫେଣ୍ଟି ପିଇଲେ, କଫ, ଛାତି ବ୍ୟଥାଦୂର ହୁଏ ।

♦ କଫ, ଗଳା ବ୍ୟଥା ଦୂର ପାଇଁ ଯଷ୍ଟିମଧୁ ଚେର ଉପକାରୀ । ଦୁଇ ଚାମଚ ଶୁଖିଲା ଯଷ୍ଟିମଧୁ ଚେର ଗୁଣ୍ଡକୁ ଉଷୁମ ପାଣିରେ ପକାଇ କୁଳିକରନ୍ତୁ ।

ଦୁଇ କପ୍ ପାଣିରେ ଏକ ଚାମଚ ମହୁ ଓ ଆଠ ଦଶଟି ଗୋଲମରିଚ ପକାଇ ଦଶ ମିନିଟ୍ ଫୁଟାନ୍ତୁ । ସାମାନ୍ୟ ଉଷୁମ ଥିବା ଅବସ୍ଥାରେ ଦିନରେ ଦୁଇଥର ପିଅନ୍ତୁ ।

♦ ଚାରିକପ ପାଣିରେ ତିନି ଚାମଚ କଟା ଅଦା ଖଣ୍ଡ, ଏକ ଚାମଚ ଶୁଖିଲା ପୋଦନା ପତ୍ର ଓ ଏକ କପ ମହୁ ଫୁଟାଇ ଛାଣିଦିଅନ୍ତୁ । ଥଣ୍ଡା ହେବା ପରେ ଦିନରେ ତିନିଥର ଦୁଇ ସପ୍ତାହ ଯାଏ ସେବନ କଲେ କଫ ସମସ୍ୟା ଦୂରହୁଏ ।








# ବଦହଜମୀର ଉପଚାର

**କର୍ମମୟ ଜୀବନରେ ଖାଦ୍ୟ ପାନୀୟରେ ବହୁବିଧ ସମସ୍ୟା ଭୋଗ କରିବାକୁ ପଡ଼ିଥାଏ । ଯାହାଦ୍ୱାରା ପେଟଜନିତ ଯନ୍ତ୍ରଣା ଭୋଗ କରିବାକୁ ପଡ଼ିଥାଏ ସେଥିପାଇଁ ଡାକ୍ତରଖାନାରେ ସମୟ ଦେବାକୁ ପଡ଼ିଥାଏ । ଭଲ ନହେଲେ ବହୁ ଦିନ ପର୍ଯ୍ୟନ୍ତ କଷ୍ଟ ଲାଗିରହିଥାଏ । ସେଥିରୁ ରକ୍ଷା ପାଇବ ପାଇଁ କିଛି ଘରୋଇ ଉପଚାର:**





**ଡାଲଚିନି-** ଡାଲଚିନି ବହୁ ଉପକାରୀ ମସଲା ମଧ୍ୟରେ ଗୋଟିଏ ହୋଇଥାଏ । ଯାହାକୁ ଗୁଣ୍ଡ କରି ଉଷୁମ ପାଣିରେ ମିଶାଇ ପିଇବା ଦ୍ୱାରା ପେଟରେ ବଦଳହଜମୀ ଜନିତ ସମସ୍ୟାକୁ ରୋକାଯାଇ ପାରିବ । ଏଥିରେ ମହୁ ମିଶାଇ ଖାଇଲେ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ ।

**ଅଦା -** ବଦହଜମୀ ଜନିତ ସମସ୍ୟା ପାଇଁ ଅଦା ମଧ୍ୟ ବହୁ ଉପକାରୀ ହୋଇଥାଏ । ଅଦା ସହ ପାନ ମଧୁରୀ, ଗୁଜୁରାତି ଓ ଅଳ୍ପ ହେଙ୍ଗୁ ପାଣିରେ ମିଶାଇ ପିଇଲେ ଏହି ସମସ୍ୟା ରହେ ନାହିଁ ।

**ଲେମ୍ବୁ ରସ ଓ ବେକିଙ୍ଗ ସୋଡ଼ା -** ଲେମ୍ବୁ ରସ ଓ ବେକିଙ୍ଗ ସୋଡ଼ା ଏହି ସମସ୍ୟା ପାଇଁ ଉପକାରୀ ଔଷଧ ରୂପେ କାର୍ଯ୍ୟ କରିଥାଏ । ଅଳ୍ପ ପାଣିରେ ଲେମ୍ବୁ, ବେକିଙ୍ଗ ସୋଡ଼ା ମିଶାଇ ସେବନ କରିବା ଦ୍ୱାରା ବଦହଜମୀ ଜନିତ ସମସ୍ୟାକୁ ଦୂର କରାଯାଇପାରିବ ।

**ରସୁଣ-** ଏହି ପେଟ ଜନିତ ସମସ୍ୟା ପାଇଁ ରସୁଣ ଔଷଧ ପରି କାର୍ଯ୍ୟ କରିଥାଏ । ରସୁଣ ଡେମ୍ଫ ସହ କିଛି ଜିରାକୁ ପାଣିରେ ଫୁଟାଇ ଥଣ୍ଡା କରି ପିଇଲେ କଷ୍ଟ କମିଯାଇଥାଏ ।

**ହେଙ୍ଗୁ-** ହେଙ୍ଗୁ ଖାଇଲେ ମଧ୍ୟ ବଦହଜମୀରୁ ଆରାମ ମିଳିଥାଏ । ହେଙ୍ଗୁକୁ ଗୁଣ୍ଡ କରି ପାଣିରେ ମିଶାଇ ଦିନକୁ ଦୁଇ ତିନିଥର ପାନ କରିବା ଦ୍ୱାରା ଗ୍ୟାଷ୍ଟ୍ରିକ୍ ସମସ୍ୟା ରହେନାହିଁ ।

**ପାନ ମଧୁରୀ-** ଗ୍ୟାଷ୍ଟ୍ରିକ୍ ସମସ୍ୟା ପାଇଁ ପାନ ମଧୁରୀକୁ ଗରମ ପାଣିରେ ପକାଇ ସେବନ କଲେ ମଧ୍ୟ ଏହାକୁ ଏଡାଯାଇପାରିବ । ପାନମଧୁରୀ ପତ୍ରକୁ ଚୋବାଇଲେ ମଧ୍ୟ ଏହି ସମସ୍ୟା ରହିବନାହିଁ ।











# ହିତକାରୀ କଳା ଚା

♦ କଳା ଚା ଦୈନିକ ସକାଳେ ୧କପ୍ ପିଇଲେ ଶରୀରର ଚର୍ବି କମ ହେବା ସହ ଓଜନ ନିୟନ୍ତ୍ରିତ ହୋଇଥାଏ ।

♦ ଏହା ସହ କଳା ଚା ପିଇବା ଦ୍ୱାରା ଶରୀରର କୋଲେଷ୍ଟରଲ ନିୟନ୍ତ୍ରିତତ ରୀହିବା ସହ ରକ୍ତସଞ୍ଚାଳନ ଭଲ ଭାବରେ ହୁଏ । ହୃଦ ରୋଗୀ କିମ୍ବା ହୃଦଯନ୍ତ୍ର ସମ୍ପର୍କିତ ରୋଗ ଥିବା ବ୍ୟକ୍ତିମାନେ ନିୟମିତତ କଳା ଚା ପିଇବା ଉତ୍ତ ବୋଲି ବିଶେଷଜ୍ଞଙ୍କ ମତ ।

♦ ପ୍ରତ୍ୟହ କଳା ଚା ପିଇଲେ କର୍କଟ ପ୍ରତିରୋଧୀ ଶକ୍ତି ମ୍ମ ଶରୀରରେ ବୃଦ୍ଧି ପାଇଥାଏ ।

♦ ଏହି ଚା ପିଇଲେ ମାନସିକ ଚାପ କମ ହେବା ସହ ଆରାମ ଲାଗୁଥିବାର ପ୍ରକାଶ ।



# ବୟସ୍କଙ୍କ ପାଇଁ କାମ



ବୟସ୍କ ଲୋକଙ୍କ ସମୟ ସହଜରେ ଅତିବାହିତ ହେଉନାହିଁ । ନିଜ ମନୋରଞ୍ଜନ କରିବା ପାଇଁ ବରଂ ଭିନ୍ନ ଉପାୟ ଭାବିବା ଦରକାର । କେବଳ ବସି ରହିଲେ ସେମାନଙ୍କ ମୁଣ୍ଡରେ ଚିନ୍ତା ପଶିବା ସହ ରୋଗ ମଧ୍ୟ ଅଧିକ ଦୁର୍ବଳ କରିଦିଏ । ବ୍ରିଟେନ ଗବେଷକଗଣ ନିକଟରେ ବୟସ୍କମାନଙ୍କୁ ଏକ ଉପଦେଶ ଦେଇଛନ୍ତି । ତଦନୁଯାୟୀ ପଦକ୍ଷେପ ନେଲେ ସେମାନଙ୍କ ଜୀବନର ଗତି ପଥ ବଦଳିବ ବୋଲି ଗବେଷକଙ୍କ ଦାବି । ବ୍ରିଟେନର ବିଭିନ୍ନ ଅଞ୍ଚଳରୁ ୨ହଜାର ଲୋକଙ୍କୁ ନେଇ ଏକ ପରୀକ୍ଷା କରାଗଲା । ୧ହଜାର ବ୍ୟକ୍ତିଙ୍କୁ ନିୟମିତ ଭାବରେ ଚିତ୍ର ଆଙ୍କିବା ନିମନ୍ତେ ପରାମର୍ଶ ଦିଆଗଲା ଲକ୍ଷ୍ୟ କରାଗଲା, ଯେଉଁ ବ୍ୟକ୍ତିମାନେ ନିୟମିତ ଚିତ୍ର ଆଙ୍କିଲେ ସେମାନଙ୍କ ବ୍ୟବହାର, ଚିନ୍ତା କ୍ରମଶଃ ବଦଳିବାକୁ ଆରମ୍ଭ ହେଲା । ଅନ୍ୟ ବୟସ୍କଙ୍କୁ ମଧ୍ୟ ଚିତ୍ର ଆଙ୍କୁଥିବା ବୟସ୍କମାନେ ଉତ୍ସାହିତ କରିବାକୁ ଲାଗିଲେ । ତେବେ ଅନ୍ୟ ଯେଉଁମାନେ ବୀତସ୍ପୃହ ହୋଇ ଚୁପଚାପ୍ ଜୀବନ ବିତାଉଥିଲେ, ସେମାନଙ୍କ ମଧ୍ୟରୁ କେତେଜଣ ଅକାଳରେ ପ୍ରାଣ ହରାଇଲେ ଓ କିଛି ବ୍ୟକ୍ତି ବିଭିନ୍ନ ମାନସିକ ରୋଗୀ ହେଲେ । ସେଥିପାଇଁ ଗବେଷକଙ୍କ କହିବାନୁସାରେ, ବୟସ୍କମାନେ ଚିତ୍ର ଆଙ୍କନ୍ତୁ ।

ତୁଳସୀ କେବଳ ପୂଜା ପାଇଁ ବ୍ୟବହାର କରାଯାଏନା । ଏହାକୁ ନିଜର ସୌନ୍ଦର୍ଯ୍ୟ ପାଇଁ ବ୍ୟବହାର କରିପାରିବେ । ଏହାର ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି । ୫୦ଗ୍ରାମ ତୁଳସୀ ୫୦ ଗ୍ରାମ ଲେମ୍ବୁ ରସ ମିଶାଇ ପେଷି ଦିଅନ୍ତୁ । ଏଥିରୁ ପ୍ରସ୍ତୁତ କ୍ରିମ ମୁହଁରେ ଲଗାନ୍ତୁ । ସପ୍ତାହକୁ ଥରେ ଏଭଳି ଉପଚାରରେ ମୁହଁରେ ଚମକ ଆସିଥାଏ । ତୁଳସୀ ପତ୍ରକୁ ଖାଲି ପାଣିରେ ବାଟି ମୁହଁରେ ଲଗାଇଲେ ତ୍ୱଚା ଲୋଚାକୋଚା ହୋଇ ନଥାଏ । ଶରୀରରେ ବଟା ତୁଳସୀ ପତ୍ର ଲଗାଇଲେ ବହୁ ରୋଗ ଆପଣଙ୍କୁ ସ୍ୱର୍ଶ କରିପାରିବନି । ଏହା ବ୍ୟତୀତ ପ୍ରତିଦିନ ସକାଳୁ ତୁଳସୀ ପତ୍ର ୩ରୁ୪ଟି ଖାଇଲେ ମଧ୍ୟ ମୁହଁର ଉଜ୍ଜ୍ୱଳତା ଆସିଥାଏ । ନିୟମିତ ତୁଳସୀ ପତ୍ର ଖାଇବା ଓ ମୁହଁରେ ଲଗାଇବା ଦ୍ୱାରା ମୁଖ୍ୟବ୍ରଣ ଦୂର ହେବା ସହିତ ମୁହଁରୁ ଦାଗ ଲିଭିଥାଏ ।




# କୁନି ଶିଳ୍ପୀଙ୍କ ତୂଳୀରୁ....




Name: Samrudhi Sriya, std-2, age-7
School: St.Vn. Convent School

## ଝିଙ୍କିକା ମାରି ବଣି ପୋଷିବା ନୀତିରେ ଔଷଧ କମ୍ପାନୀ


**ସୀତାରାମ ପାତ୍ର**

ସୋର, ଜିଲ୍ଲା - ବାଲେଶ୍ୱର

୯୪୩୭୩୪୦୮୫୦


'ଝିଙ୍କିକା ମାରି ବଣି ପୋଷିବା' ଏକ ସାଙ୍କେତିକ ଉକ୍ତି, ଯାହାର ଅର୍ଥ ହେଲା, ଛୋଟ/ଦୁର୍ବଳକୁ ମାରି ସବଳକୁ ପୋଷିବା/ଅଧିକ ସବଳ କରିବା। ଏହି କଥାର ଯଥାର୍ଥତା ଅନ୍ୟ କେଉଁଠି ଦେଖିବାକୁ ମିଳୁ ଅବା ନମିଳୁ କିନ୍ତୁ ଏହି ନୀତିକୁ ଅକ୍ଷରେ ଅକ୍ଷରେ କାର୍ଯ୍ୟକାରୀ କରି ଚାଲିଛନ୍ତି ଔଷଧ କମ୍ପାନୀମାନେ।

ଔଷଧ କମ୍ପାନୀମାନଙ୍କର ପ୍ରକୃତ ଗ୍ରାହକ ହେଲେ ରୋଗୀମାନେ। ଦେଶରେ ଧନୀମାନଙ୍କ ଅପେକ୍ଷା ଗରିବ ଓ ମଧ୍ୟବିତ୍ତ ବର୍ଗର ସଂଖ୍ୟାଧିକ ହୋଇଥିବାରୁ ଏହି ଦୁଇ ବର୍ଗର ରୋଗୀମାନଙ୍କ ଉପରେ ଔଷଧ କମ୍ପାନୀଗୁଡ଼ିକର ବ୍ୟବସାୟ ନିର୍ଭର କରୁଛି। କିନ୍ତୁ ଔଷଧ କମ୍ପାନୀଗୁଡ଼ିକ ରୋଗୀମାନଙ୍କୁ ସୁବିଧା ଦେବା ପରିବର୍ତ୍ତେ, ରୋଗୀମାନଙ୍କୁ ଶୋଷଣ କରି ତେଲିଆ ମୁଣ୍ଡରେ ତେଲ ଢାଳିବା ଭଳି ଡାକ୍ତର, ଔଷଧ ଦୋକାନୀ, ହୋଲସେଲର, ଷ୍ଟକିଷ୍ଟ ଇତ୍ୟାଦିଙ୍କୁ ପୋଷିବାରେ ଲାଗିଛନ୍ତି। ମିଳିଥିବା ସୂଚନା ଅନୁସାରେ ଔଷଧ ଉପରେ ଲେଖାଥିବା ଏମ୍.ଆର୍.ପି (ମେକ୍ସିମମ୍ ରିଟେଲ ପ୍ରାଇସ୍) ପ୍ରକୃତ ମୂଲ୍ୟ ନୁହେଁ। ଔଷଧ ଦୋକାନୀମାନେ କିଣୁଥିବା ଦାମ୍‌ର ୧୦ଗୁଣ/୧୫ଗୁଣରୁ ଅଧିକ ରହୁଛି ଏମ୍.ଆର.ପି। ଅର୍ଥାତ୍ ୩୦ଟଙ୍କାରେ ଦୋକାନୀ କିଣୁଥିବା ଔଷଧ ୩୦୦ଦାମରେ ବିକ୍ରି ହେବାର ନଜିର ମଧ୍ୟ ରହିଛି।

ତଥ୍ୟ ଅନୁସାରେ, କିଛି ଔଷଧ କମ୍ପାନୀ ନିଜର ବ୍ୟବସାୟ ବୃଦ୍ଧି ନିମନ୍ତେ ଡାକ୍ତର ଓ ଔଷଧ ଦୋକାନୀମାନଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଉଛି। ଔଷଧ ଉପରେ ଲେଖାଥିବା ଏମ୍.ଆର.ପି ଔଷଧର ପ୍ରକୃତ ମୂଲ୍ୟ ଠାରୁ ବହୁ ଅଧିକ ଏପରିକି ଔଷଧର ଦାମ୍ ଠାରୁ ୧୦/୧୫ଗୁଣରୁ ଅଧିକମଧ୍ୟ। ଫଳରେ, ଅଧିକ ଲାଭ ମିଳୁଥିବା ଔଷଧକୁ ବିକ୍ରି କରିବା ପାଇଁ ଦୋକାନୀମାନେ ଆଗ୍ରହ ପ୍ରକାଶ କରୁଛନ୍ତି। ଅନ୍ୟପକ୍ଷରେ ଏହି ସବୁ ଔଷଧ ଲେଖିବା ପାଇଁ କମ୍ପାନୀର ରିପ୍ରେଜେନ୍‌ଟେଟିଭ୍ ମାନେ ମାଗଣାରେ ସାମ୍ପଲ ଦେବା ସହିତ ଟାର୍ଗେଟ ପରିମାଣର ଔଷଧ ଲେଖିଲେ ଦାମୀ ଉପହାର (ଏସି, ଫ୍ରିଜ୍, କାର, ସୁନା, ବିଦେଶ ଭ୍ରମଣ) ଦେବାର ବ୍ୟବସ୍ଥା ମଧ୍ୟ କରିଛି କମ୍ପାନୀ। ଏହି ଉପହାର କେବଳ ଡାକ୍ତର ନୁହଁନ୍ତି ଦୋକାନୀ, ହୋଲସେଲର, ଷ୍ଟକିଷ୍ଟ ଇତ୍ୟାଦିଙ୍କ ପାଇଁ ମଧ୍ୟ ଏହିସବୁ ଦାମୀ ଉପହାର ମଧ୍ୟ କମ୍ପାନୀ ଦେଇଥାଏ। ବେଶୀ ଲାଭ ସହିତ ଦାମୀ ଉପହାର ଲୋଭରେ ଡାକ୍ତର ବ୍ରାଣ୍ଡେଡ କମ୍ପାନୀର ଔଷଧ ଲେଖିବା ପରିବର୍ତ୍ତେ ଅଧିକ କମିସନ ଓ ଉପହାର ଦେଉଥିବା କମ୍ପାନୀର ଔଷଧ ଲେଖୁଛନ୍ତି ଓ ଦୋକାନୀମାନେ ଏହି ସବୁ ଔଷଧ ବିକ୍ରି ପାଇଁ ଆଗ୍ରହ ମଧ୍ୟ ଦେଖାଉଛନ୍ତି।

ଏହାଦ୍ୱାରା ବିଚରା ରୋଗୀଟି ଔଷଧ କମ୍ପାନୀ, ଔଷଧ ଦୋକାନୀ ଓ ଡାକ୍ତରଙ୍କର ମିଳିତ ଶୋଷଣର ଶୀକାର ହୋଇଥାଏ। କିନ୍ତୁ ଜୀବନ ବିକଳରେ ତାର ପାଟି ଫିଟାଇବାର 'ଯୁ' ନଥାଏ। କମ୍ ଦାମ୍‌ରେ ମିଳୁଥିବା ଔଷଧକୁ ନଲେଖି ଡାକ୍ତରମାନେ ଅଧିକ ଦାମ୍ ଥିବା ସମାନ ଔଷଧ (ସମାନ କମ୍ପୋଜିସନ) ଲେଖିବା ସହିତ, ସେହି ଔଷଧ(ଡାକ୍ତର ଲେଖିଥିବା କମ୍ପାନୀର ଔଷଧ) ରୋଗୀ/ରୋଗୀର ସମ୍ପର୍କୀୟ କିଣିଲା କି ଅନ୍ୟ କମ୍ପାନୀର ଔଷଧ ଆଣିଲା ଜାଣିବା ପାଇଁ ଔଷଧ କିଣି ଦେଖାଇବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ଅନ୍ୟ କମ୍ପାନୀର ସମାନ ଔଷଧ ଆଣିଲେ, ଯାହା ଲେଖିଥିଲି ତାହା କାହିଁକି ଆଣିଲ ନାହିଁ ବୋଲି କୈଫିୟତ ମଧ୍ୟ ମାଗୁଛନ୍ତି। କଥା ଏତିକିରେ ସରିନାହିଁ, ଏବେ ନିଜର ଔଷଧ ଦୋକାନ କିମ୍ବା ପାଖରେ ଥିବା ନିର୍ଦ୍ଦିଷ୍ଟ କିଛି ଔଷଧ ଦୋକାନରେ ଡାକ୍ତର ଲେଖୁଥିବା ଔଷଧ ମହଜୁଦ ରହିବା ସହିତ ସେହିଠାରୁ କିଣିବା ପାଇଁ ମଧ୍ୟ ଡାକ୍ତର ନିର୍ଦ୍ଦେଶ ଦେଉଛନ୍ତି। ଉପରୋକ୍ତ ଘଟଣା ପ୍ରମାଣିତ କରୁଛି ଯେ, ଜୀବନ ଓ ମରଣ ସହିତ ଲଢ଼େଇ କରୁଥିବା ରୋଗୀ/ରୋଗୀମାନଙ୍କୁ ଲୁଟିବା ପାଇଁ ହାଇ ପ୍ରୋଫାଇଲ ଲୁଟ୍‌ର ର୍‌ୟାକେଟ ଗଠନ କରାଯାଇଛି, ଯାହା ଉପରେ ସରକାରୀ ନିୟନ୍ତ୍ରଣ ନାହିଁ। ଅପରପକ୍ଷରେ କହିବାକୁ ଗଲେ ଏହା ହେଉଛି ଆଇନ୍ ସମ୍ମତ ଲୁଟ ଓ ଲୁଟେରା ର୍‌ୟାକେଟ୍।

କେନ୍ଦ୍ର ସରକାର ହୁଅନ୍ତୁ କିମ୍ବା ରାଜ୍ୟ ସରକାର, କାହାରି ଏହି ସମ୍ବେଦନଶୀଳ ଘଟଣା ପ୍ରତି ନଜର ନାହିଁ। କେବଳ ଯୋଜନା ଓ ଫମ୍ପା ଭାଷଣରେ ରୋଗୀ ଉପକୃତ ହେବନାହିଁ। ରୋଗରୁ ଭଲ ହେବା ପାଇଁ ଔଷଧ ଜରୁରୀ। ସାଧାରଣ ଗରିବ ରୋଗୀଟିଏ ନିଜର ଜୀବନ ବଂଚାଇବା ପାଇଁ ଘରବାଡ଼ି ବିକ୍ରି କରିବାକୁ ପଛାଉ ନଥିବା ବେଳେ ତାର ଅସହାୟତାର ସୁଯୋଗ ନେଇ ଲୁଟି ଚାଲିଛନ୍ତି ଏହି ଆଇନ୍ ସମ୍ମତ ଲୁଟେରାମାନେ। ଅନ୍ୟପକ୍ଷରେ ଔଷଧ କମ୍ପାନୀ ପ୍ରକୃତ ମୂଲ୍ୟ ନଲେଖି, ଏମ୍.ଆର୍.ପି (ମେକ୍ସିମମ୍ ରିଟେଲ ପ୍ରାଇସ୍) ଲେଖି ଲୁଟୁଛି ଏବଂ ଲୁଟିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିଦେଉଛି। ପ୍ରଶ୍ନ ଉଠୁଛିଯେ, ଔଷଧ ଉପରେ ପ୍ରକୃତ ମୂଲ୍ୟ (ଯେତିକି ଦାମ୍‌ରେ ଔଷଧ ବିକ୍ରି ହେବ) ଲେଖୁନଥିବା ସରକାର ଜାଣି ଅଜଣା କାହିଁକି ? ଔଷଧ କମ୍ପାନୀ ଏମ୍.ଆର୍.ପି (ମେକ୍ସିମମ୍ ରିଟେଲ ପ୍ରାଇସ୍) ପରିବର୍ତ୍ତେ ପ୍ରକୃତ ମୂଲ୍ୟ ଲେଖିବା ପାଇଁ ଆଇନ୍ ପ୍ରଣୟନ କରିବା ଜରୁରୀ ହୋଇପଡ଼ିଛି, ଯାହାଦ୍ୱାରା ରୋଗୀମାନେ କେବଳ ଉପକୃତ ନୁହେଁ 'ଝିଙ୍କିକା ମାରି ବଣି ପୋସିବା ନୀତି ଆପଣେଉଥିବା ଔଷଧ କମ୍ପାନୀର ଶୋଷଣର ଶିକାର ହେବାରୁ ରକ୍ଷା ପାଇ ପାରନ୍ତେ।

## ଦହି ପନୀର ମସଲା



**ସାମଗ୍ରୀ:**
- -ପନିର: ୨୫୦ ଗ୍ରାମ୍
- -ଦହି: ୧/୩ କପ୍
- -ବେସନ: ୧ ଚାମଚ
- -ଜିରା: ଅଧାଚାମଚ
- -ଲଙ୍କାଗୁଣ୍ଡ: ୨ ଚାମଚ
- -ହଳଦୀ ଗୁଣ୍ଡ: ୧ ଚାମଚ
- -ଜିରାଗୁଣ୍ଡ: ୧ ଚାମଚ
- -ଗରମ ମସଲା ଗୁଣ୍ଡ: ୧ ଚାମଚ
- -କସ୍ତୁରୀ ମେଥି: ୧ ଚାମଚ
- -କଟା ପିଆଜ: ୧ ଟା
- -ଅଦା ରସୁଣ ପେଷ୍ଟ: ୧ ଚାମଚ
- -ଟମାଟୋ: ୧ଟା
- -କଞ୍ଚାଲଙ୍କା: ୨ଟା
- -ଧନିଆ ପତ୍ର: ସଜେଇବା ପାଇଁ
- -ଲୁଣ: ସ୍ୱାଦ ଅନୁସାରେ
- -ପ୍ରୟୋଜନ ଅନୁଯାୟୀ ତେଲ

**ପ୍ରଣାଳୀ:** ପ୍ରଥମେ ପନିରକୁ କାଟି ଲଙ୍କାଗୁଣ୍ଡ ଓ ଲୁଣ ଦେଇ ଗୋଳାଇ ଦିଅନ୍ତୁ । ଗ୍ୟାସ୍‌ରେ ପ୍ୟାନ୍ ବସେଇ ବେସନକୁ ଭାଜି ଦିଅନ୍ତୁ । ଗୋଟିଏ ପାତ୍ରରେ ଦହି ଓ ସମାନ ମାତ୍ରାରେ ପାଣି ନେଇ ଗୋଳାଇ ଦିଅନ୍ତୁ । ସେଥିରେ ବେସନ ଭଜା, ଲୁଣ ପକେଇ ଗୋଳାଇ ଦିଅନ୍ତୁ । ତା' ପରେ ପନିରକୁ ସେଥିରେ ପକେଇ ଗୋଳାଇ ଦିଅନ୍ତୁ । ପ୍ୟାନ୍‌କୁ ଗ୍ୟାସ୍‌ରେ ବସେଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲା ପରେ ପନିରକୁ ପକେଇ ଭାଜନ୍ତୁ । ପନିର ଭାଜିହେଲା ପରେ ଗୋଟିଏ ପାତ୍ରରେ କାଢ଼ି ଦିଅନ୍ତୁ । ବଳିଥିବା ଦହିରେ ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ ଓ ଜିରାଗୁଣ୍ଡ ମିଶାନ୍ତୁ । ପୁଣି ପ୍ୟାନ୍‌କୁ ଗ୍ୟାସ୍‌ରେ ବସେଇ ତେଲ ଦିଅନ୍ତୁ । ତେଲ ଗରମ ହେଲା ପରେ ଜିରା ଓ କଟା ପିଆଜକୁ ପକାଇ ଭାଜନ୍ତୁ । ତା' ପରେ ଅଦା ରସୁଣ ପେଷ୍ଟ ପକାଇ କଷନ୍ତୁ । ଅଳ୍ପ କଷି ହୋଇଗଲା ପରେ ଟମାଟୋ ଓ ଲୁଣ ଦେଇ କଷନ୍ତୁ । ସେଥିରେ ଦହି ମିଶ୍ରଣକୁ ପକାଇ ଅଳ୍ପ ପାଣି ଦିଅନ୍ତୁ । ଶେଷରେ ଭଜା ପନିରକୁ ପକେଇ ଫୁଟାଇ ଦିଅନ୍ତୁ । ଫୁଟିଗଲା ପରେ କସୁରୀ ମେଥି ଓ ଧନିଆ ପତ୍ରକୁ ପକେଇ ଗ୍ୟାସ୍ ବନ୍ଦ କରିଦିଅନ୍ତୁ । ଗରମ ଗରମ ପରଟା, ନାନ୍ କିମ୍ବା ଭାତ ସହିତ ସମସ୍ତଙ୍କୁ ଖୁଆନ୍ତୁ ।

## କ୍ୟାଲେଣ୍ଡୁଲା

କ୍ୟାଲେଣ୍ଡୁଲା ଗଛର ଫୁଲ ଶୀତଦିନିଆ ଋତୁକାଳୀନ ଫୁଲ । ଏହାର ହଳଦିଆ ରଙ୍ଗର ଫୁଲ ସେବତୀ ଫୁଲ ପରି ହୋଇଥାଏ । ଏହି ଗଛଟି ଜାତୀୟ ମାଟିରେ ଭଲଭାବେ ବଢ଼ିପାରେ । ଏହା ଶୀତକାଳୀନ ଫୁଲ ହିସାବରେ ଆମ ଅଞ୍ଚଳରେ ଚାଷ କରାଯାଇପାରିବ । ଏହା ଖରାକୁ ଭଲପାଏ ମାତ୍ର ମାତ୍ରାଧିକ ଗରମ ବା ଥଣ୍ଡା ସହ୍ୟ କରିପାରେ ନାହିଁ । ଗଛଟି ମଞ୍ଜିରୁ ବଂଶବିସ୍ତାର କରିଥାଏ । ମଞ୍ଜିଗୁଡ଼ିକ ୩-୪ ସପ୍ତାହର ହୋଇଗଲେ ତାକୁ ଜମିରେ ଲାଗିଯାଏ । ଏହା ଅଧିକ ଖାଦ୍ୟସାର ଆବଶ୍ୟକ କରେ ନାହିଁ । କେବଳ କିଛି ପରିମାଣରେ ଖତ ଦେଇ ଏହାକୁ ଜମିରେ କିମ୍ବା କୁଣ୍ଡରେ ଲଗାଯାଏ । କିଛି ଦିନ ବ୍ୟବଧାନରେ ମାଟିର ବତର ଦେଖି ଜଳସେଚନର ଆବଶ୍ୟକତା ପଡ଼ିଥାଏ । ଗଛ ଲଗାଇବାର ୫୦ ଦିନ ପରେ ସେଥିରେ ଫୁଲ ଆସିଥାଏ । ଗଛରେ ଅସଂଖ୍ୟ ହଳଦିଆ ରଙ୍ଗର ଫୁଲ ଆସେ ଓ ଜମିଟି ସଂପୂର୍ଣ୍ଣ ହଳଦିଆ ଦେଖାଯାଏ । ଏହାକୁ କୁଣ୍ଡଗେଣ୍ଡୁ ମଧ କୁହାଯାଏ । ତେବେ ଓଡ଼ିଶାରେ ଏହାର ବଜାରମୂଲ୍ୟ ନାହିଁ । କିନ୍ତୁ କୁଣ୍ଡରେ ଲଗାଇବା ପାଇଁ ଗଛଟି ଖୁବ୍ ଲୋକପ୍ରିୟ । କୁଣ୍ଡ ସହ ଗଛ ମଧ ବଜାରରେ ମିଳିଥାଏ । ଫୁଲର ଆକାର ପ୍ରକାର ନେଇ କ୍ୟାଲେଣ୍ଡୁଲାର ବିଭିନ୍ନ କିସମ ବଜାରରେ ଉପଲବ୍ଧ । ହେଲେ ମୁଖ୍ୟତଃ ହଳଦିଆ ବା କମଳା ରଙ୍ଗର ଫୁଲ ଆସିଥାଏ ।



## ସ୍ୱାସ୍ଥ୍ୟ ଟିପ୍ସ

ଭାରତ ସହରାଞ୍ଚଳରେ କରାଯାଇଥିବା ଏକ ସର୍ବେକ୍ଷଣ ଅନୁଯାୟୀ ତିରିଶ ଅଧିକ ବୟସ୍କ କୋଡ଼ିଏ ପ୍ରତତିଶତ ମଣିଷ ଏକ ସଙ୍ଗେ ମଧୁମେହ ଓ ଉଚ୍ଚ ରକ୍ତଚାପ ଭୋଗୁଛନ୍ତି । ଏହି ଦୁଇଟି ରୋଗ ଏକତ୍ର ଭୋଗିଲେ, ହୃତ୍‌ପିଣ୍ଡ ଓ ବୃକକ୍‌ର କାର୍ଯ୍ୟ-କ୍ଷମତା ହ୍ରାସ ପାଏ । ମଧୁମେହ, ଧମନିକୁ ନଷ୍ଟ କରେ । ଏଥେରୋସ୍କେଲ୍‌ରୋସିସ୍ ଯୋଗୁଁ ହେଉଥିବା ଉଚ୍ଚ ରକ୍ତ ଚାପର ଠିକ୍ ସମୟରେ ଚିକିତ୍ସା କରା ନଗଲେ, ଧମନିର କ୍ଷତି ଘଟିବା ସହ ହୃଦ୍‌ଘାତଠାରୁ ଆରମ୍ଭ କରି ବୃକକ୍ ଅକାମୀ ହେବା ପର୍ଯ୍ୟନ୍ତ ନାନା ଗୁରୁତର ସ୍ୱାସ୍ଥ୍ୟବସ୍ଥା ଦେଖାଦେଇପାରେ । ଅନେକ ଉଚ୍ଚ ରକ୍ତଚାପ ଜନିତ ସମସ୍ୟା ଭୋଗୁଥିଲେ ହେଁ ପରୀକ୍ଷା କରୁ ନଥିବାରୁ ଜାଣିପାରନ୍ତିନାହିଁ ଏବଂ ସେମାନଙ୍କ ଅଜ୍ଞାତରେ ରୋଗ ବଢ଼େ । ଆଉ ଏମାନେ ମଧୁମେହ ଭୋଗୁଥିଲେ, ବିପଦ ଦୁଇ ଗୁଣ ଅଧିକ । କେତେକ ଉଚ୍ଚ ରକ୍ତଚାପ ଔଷଧ, ରକ୍ତ ଶର୍କରା ଓ ଲିପିଡ୍ ସ୍ତରକୁ ନକାରାତ୍ମକ ଭାବେ ପ୍ରଭାବିତ କରେ, ପୁରୁଷକୁ ନପୁଂସକ ମଧ୍ୟ କରିପାରେ । ତେଣୁ, ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ ଖାଇବା ଅନୁଚିତ ।

## ଚେକ୍ସରେ ପାଆନ୍ତୁ ଟ୍ରେଣ୍ଡି ଲୁକ୍



**ଅନେକ ଭାବନ୍ତି ଚେକ୍ସ କେବଳ ପୁରୁଷଙ୍କ ଫ୍ୟାଶନ୍ । ସାର୍ଟ କି ପ୍ୟାଣ୍ଟରେ ହିଁ ଚେକ୍ସ ଭଲ ମାନିବ । ମହିଳାମାନଙ୍କ ପୋଷାକରେ କ'ଣ ଚେକ୍ସ ଭଲ ଦେଖାଯିବ । ଏଭଳି ଧାରଣାକୁ ବଦଳାଇ ଦେଇଛନ୍ତି । ଆଜିର ଫ୍ୟାଶନିଷ୍ଟାମାନେ । ଆସନ୍ତୁ ନଜର ପକାଇବା ଚେକ୍ସର ବିଭିନ୍ନ ପୋଷାକ ଉପରେ ଯାହା ଆପଣଙ୍କୁ ଟ୍ରେଣ୍ଡି ଲୁକ୍ ଦେଇପାରିବ ।**

**ଚେକ୍ ଶାଢ଼ି:**
ଆଜିକାଲି ଅନେକ ଡିଜାଇନର ଚେକ୍ ପ୍ରିଣ୍ଟର ଶାଢ଼ି ପ୍ରସ୍ତୁତ କରୁଛନ୍ତି । ଡିଜାଇନର୍‌ମାନଙ୍କୁ ଅନୁସରଣ କରି ଶାଢ଼ି ପ୍ରସ୍ତୁତ କରୁଥିବା ଅନେକ ସଂସ୍ଥା ଏହି ପ୍ରିଣ୍ଟ ଶାଢ଼ି ତିଆରି କରୁଛନ୍ତି । ବିବାହ ବା ସେହିଭଳି କୌଣସି ଅନୁଷ୍ଠାନରେ ଯୋଗ ଦେବାକୁ ଥିଲେ ପାରମ୍ପାରିକ କାଞ୍ଚିପୁରମ ଶାଢ଼ିରେ ଟିକେ ଟ୍ୱିଷ୍ଟ ଆଣିପାରିବେ । ଚେକ୍ ପ୍ରିଣ୍ଟର ବ୍ଲାଉଜ ଏହାସହିତ ପେୟାର ଅପ୍ କରନ୍ତୁ । ଅଫିସ ଯାଉଥିଲେ । ଚେକ୍ ପ୍ରିଣ୍ଟର ସିଫନ୍ ଶାଢ଼ି ବଢ଼ିଆ ଅପସନ୍ ରହିବ । ଏହା ସହିତ ସ୍ଲିଭ୍ ଲେସ୍ ସଲିଡ୍ କଲର୍ ବ୍ଲାଉଜ ଟିମ୍ ଅପ୍ କରନ୍ତୁ । ସମସ୍ତଙ୍କ ଠାରୁ ଆପଣ ନିଶ୍ଚିତ ଭାବେ ଭିନ୍ନ ଲାଗିବେ ।

**ଚେକ୍ସ ସ୍କର୍ଟ:**
ଏତେଦିନ ଧରି ଫ୍ଲୋରାଲ୍ ସ୍କର୍ଟ ତ ପିନ୍ଧିଥିବେ । ଏଥର ଚେକ୍ ସ୍କର୍ଟ ଟ୍ରାଏ କରନ୍ତୁ । ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ଚେକ୍ ସ୍କର୍ଟ ସବୁବେଳେ ଫ୍ୟାଶନେବଲ୍ । ଏହା ସହିତ କ୍ରପ ଟପ୍ ଟ୍ରାଏ କରନ୍ତୁ । ବ୍ଲାକ୍ ଆଣ୍ଡ ରେଡ୍ ଚେକ୍ ସ୍କର୍ଟ ସହିତ ବ୍ଲାକ୍ ଟ୍ୟାଙ୍କ ଟପ୍ ପିନ୍ଧିଲେ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ । ଅଫିସ ୱିୟର ଭାବେ ହ୍ୱାଇଟ୍ ଆଣ୍ଡ ବ୍ଲୁ ଚେକ୍ ଲଙ୍ଗ ସ୍କର୍ଟ ବ୍ଲାକ୍ ଟ୍ୟାଙ୍କ ଟପ୍ ପିନ୍ଧିଲେ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ । ଅଫିସ ୱିୟର ଭାବେ ହ୍ୱାଇଟ୍ ଆଣ୍ଡ ବ୍ଲୁ ଚେକ୍ ଲଙ୍ଗ ସ୍କର୍ଟ ସହିତ ଧଳା କିମ୍ବା ହାଲୁକା ନୀଳ ରଙ୍ଗର ଟପ୍ ପେୟାର ଅପ୍ କରନ୍ତୁ ।

**ଚେକ୍ ପ୍ୟାଣ୍ଟ:**
ଜିନ୍ସ ଏବଂ କାଜୁଆଲ୍ ପ୍ୟାଣ୍ଟ ତ ସବୁବେଳେ ପିନ୍ଧୁଥିବେ । ଏଥର ଚେକ୍ ପ୍ୟାଣ୍ଟ ଟ୍ରାଏ କରି ଦେଖନ୍ତୁ । ଟିକେ ବଡ଼ ଚେକ୍ ହୋଇଥିଲେ ଆହୁରି ଭଲ । ଏହା ସହିତ ଆପଣ ଜିନ୍ସ ସାର୍ଟ ପେୟାର ଅପ୍ କରନ୍ତୁ । ସାଙ୍ଗରେ ବିଡ୍ସ ଜୁଏଲାରୀ କ୍ୟାରି କରନ୍ତୁ । ଏତିକି ଟିକେ ସାଜସଜ୍ଜା ବୋହୋ ଲୁକ୍ ଦେବାରେ ଯଥେଷ୍ଟ ।

**ଚେକ୍ ବ୍ୟାଗ୍:**
ପୋଷାକରେ ଚେକ୍ସ ଇନ୍ କରିବା ଆପଣଙ୍କ ଇଚ୍ଛା ନୁହେଁ । ଚିନ୍ତା ନାହିଁ । ବ୍ୟାଗ ତ ଅଛି । ଏବେ ଚେକ୍ ପାଟର୍ନର ଖୁବ ସୁନ୍ଦର ସୁନ୍ଦର ବ୍ୟାଗ ବଜାରରେ ଉପଲବ୍ଧ । କେବଳ ଯେ ବ୍ରାଣ୍ଡେଡ କମ୍ପାନିରେ ଏଭଳି ବ୍ୟାଗ ମିଳୁଛି ତାହା ନୁହେଁ । ସାଧାରଣ ଦୋକାନରେ ମଧ ଚେକ୍ ବ୍ୟାଗ୍ ମିଳିଯାଉଛି । ୱେଷ୍ଟର୍ଣ୍ଣ ଆଉଟଫିଟ୍ ସହିତ ଚେକ୍ ବ୍ୟାଗ ବଢ଼ିଆ କମ୍ବିନେସନ ।







## ଆଣ୍ଠୁ ଯନ୍ତ୍ରଣାର ଉପଚାର






**ହଳଦୀ**

ଏକ ଛୋଟ ଚାମଚ ହଳଦୀ ପାଉଡର, ଏକ ଚାମଚ ଚିନି ପାଉଡର, ଏକ ଚୁଟ୍‌କି ଚୂନ, ମହୁ ଓ ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଶୋଇବା ପୂର୍ବରୁ ଆଣ୍ଠୁରେ ଲଗାଇ ତା ଉପରେ କ୍ରେପ ବ୍ୟାଣ୍ଡେଜ ବା ପୁରୁଣା କପଡା ବାନ୍ଧି ଦିଅନ୍ତୁ । ରାତିସାରା ରହିବାକୁ ଦିଅନ୍ତୁ ଓ ସକାଳୁ ଧୋଇ ଦିଅନ୍ତୁ । ଦୁଇ ସପ୍ତାହ ପର୍ଯ୍ୟନ୍ତ ଏହିପରି କରିଲେ ଆଣ୍ଠୁ ଯନ୍ତ୍ରଣାରୁ ମୁକ୍ତ ମିଳିବ ।

**ଶୁଣ୍ଠି**

ଗୋଟେ ଛୋଟ ଚାମଚ ଶୁଣ୍ଠି ପାଉଡର ଓ ଅଳ୍ପ ଖସା ତେଲ ମିଶାଇ ଗାଢ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ଯେ କୌଣସି





## ମହୁରେ ତ୍ୱଚା ଚର୍ଚ୍ଚା

**ଶୁଷ୍କ ତ୍ୱଚା ନିମନ୍ତେ ମହୁ ଏକ ଉତ୍ତମ ମଏଶ୍ଚରାଇଜର୍ ପରି କାମ କରିଥାଏ । ବ୍ରଣ, ଦାଗ ସହ ସନ୍-ଟ୍ୟାନ୍ ଦୂର କରିବାରେ ମଧ ମହୁ ପ୍ୟାକ୍ ସାହାଯ୍ୟ କରେ । ସପ୍ତାହକୁ ୨-୩ଥର ମହୁ ପ୍ୟାକ୍ ଲଗାଇଲେ ଏହାର ଫରକ ଜାଣିପାରିବେ ।**

- ମହୁ ୧ ଚାମଚ, କଞ୍ଚା ଖିର ୧ ଚାମଚ, ବେସସନ ୧ ଚାମଚ, ତୁଳସୀ ରସ ଅଧ ଚାମଚ ମିଶାଇ ପ୍ୟାକ୍ ଭଳି ତ୍ୱଚାରେ ଲଗାଇ ଶୁଖିବା ପରେ ଧୋଇନେବେ । ଏହି ପ୍ୟାକ୍ ତ୍ୱଚା କୋମଳତା ନିମନ୍ତେ ସହାୟକ ।
- ସନ୍-ଟ୍ୟାନ୍ ନିମନ୍ତେ ମୁଲତାନି ମାଟି, ମହୁ ଓ ଗୋଲାପଜଳର ପ୍ୟାକ୍ ୨୦ ମିନିଟ୍ ତ୍ୱଚାରେ ଲଗାନ୍ତୁ । ରଙ୍ଗ ସଫା ପାଇଁ ମଧ ଏହି ପ୍ୟାକ୍ ନିୟମିତ ଲଗାଇଲେ ଲାଭ ମିଳେ ।
- ତ୍ୱଚା ଅଧିକ ଶୁଷ୍କ ଥିଲେ, ଶୁଦ୍ଧ ମହୁ ଲଗାଇ ୩୦ ମିନିଟ୍ ପରେ ଥଣ୍ଡା ପାଣିରେ ଧୋଇନେବେ । ଦୈନିକ ଏଇ ଉପାୟ କଲେ ଶୀଘ୍ର ଫରକ୍ ଜାଣିପାରିବେ ।
- ତ୍ୱଚା ସହ କେଶର ଘନତ୍ୱ ଓ କେଶ ଝଡ଼ା ବନ୍ଦ କରିବାରେ ମହୁର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଦହି ଓ ମହୁ ମିଶାଇ ପ୍ୟାକ୍ ଭଳି କେଶ ମୂଳରେ ଲଗାଇ ୩୦ ମିନିଟ୍ ପରେ ଶ୍ୟାମ୍ପୁ କରିନେବେ । ଏହି ଉପାୟରେ ରୁପି ଓ କେଶ ଝଡ଼ା ସମସ୍ୟା କମ୍ ହୋଇଥାଏ ।





# ଜିଲ୍ଲା ପ୍ରତିଷ୍ଠା ଦିବସ ଓ ମହୋତ୍ସବ ପାଳନ ସକାଶେ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା,୨୧।୧୨ (ନି.ପ୍ର): ୨୦ ଡିସେମ୍ବର(ହିସ) ଜିଲ୍ଲା ପ୍ରତିଷ୍ଠା ଦିବସ ଓ ଝାରସୁଗୁଡ଼ା ଜିଲ୍ଲା ମହୋତ୍ସବ 'ଦୁଲଦୁଲି' ପାଳନ ସକାଶେ ଏକ ପ୍ରସ୍ତୁତି ବୈଠକ ଡି ଏମ୍ ଏଫ ଅଡିଟୋରିମରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ମହୋତ୍ସବ କମିଟି ଅଧକ୍ଷ ସରୋଜ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କୋଭିଡ ନିୟମ ଅନୁପାଳନ ପୂର୍ବକ ଆସନ୍ତା ଜାନୁଆରୀ ୧ ତାରିଖରେ ପ୍ରତିଷ୍ଠା ଦିବସ ଓ ମହୋତ୍ସବ ପାଳନ ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ଝାଡେଶ୍ୱର ମନ୍ଦିର ଓ କନକ ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା ସହ ମନମୋହନ ସ୍କୁଲ ପଡ଼ିଆରେ ଏକ ସଭା ଅନୁଷ୍ଠିତ ହେବ । ଏଥି ସହିତ ଏକ ରକ୍ତଦାନ ଶିବିର ଆୟୋଜନ କରାଯିବା ଓ ପ୍ଲାଜମା ଦାନ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ଅବସରରେ ସମ୍ମାନିତ କରାଯିବାକୁ ସ୍ଥିର କରାଯାଇଥିଲା । ସ୍ମରଣିକା ପ୍ରକାଶନ ପାଇଁ ଆଲୋଚନା କରାଯାଇ ପୂର୍ବ ବର୍ଷ ପରି ସ୍ମରଣିକା କମିଟିକୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ୨୦୨୦ ମହୋତ୍ସବ ସୁଚାରୁ ରୂପେ ସମ୍ପନ୍ନ ହୋଇଥିବାରୁ ଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ ଜଣାଇ କୋଭିଡ କଟକଣାକୁ ଦୃଷ୍ଟିରେ ରଖି ଆଗାମୀ ପ୍ରତିଷ୍ଠା ଦିବସ ତଥା ମହୋତ୍ସବ ପାଳନ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ବୈଠକରେ ତାପସ ରାୟ ଚୌଧୁରୀ ୨୦୨୦ ମହୋତ୍ସବର ଆୟ ବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀ , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନୃପ ଚରଣ ଦଣ୍ଡସେନା , ଝାରସୁଗୁଡ଼ା ପୌରପାଳିକାର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପ୍ରଧାନ , ୱେଷ୍କୋ ନିର୍ବାହୀ ଯନ୍ତ୍ରୀ କଳ୍ପତରୁ ନନ୍ଦ , ବିଭିନ୍ନ ବିଭାଗୀୟ ଅଧିକାରୀ ଓ ମହୋତ୍ସବ କମିଟିର ସଭ୍ୟ ସଭ୍ୟା ଏହି ବୈଠକରେ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଲାୟନ୍ସ କ୍ଲବ ତରଫରୁ ରାସନ ସାମଗ୍ରୀ ବଂଟନ

ଭୁବନେଶ୍ୱର,୨୧।୧୨ (ନି.ପ୍ର): ଲାୟନ୍ସ କ୍ଲବ ଭୁବନେଶ୍ୱର ସିଟି, ଲାୟନ୍ସ କ୍ଲବ ଭୁବନେଶ୍ୱର ଏସ୍.ଜି. ଏବଂ ଲାୟନ୍ସ ଇଂଟରନ୍ୟାସନାଲ ତରଫରୁ ରବିବାର ଜଟଣୀସ୍ଥିତ ମୁଣ୍ଡିଆସାହିର ଦୁଇଶହ ବସ୍ତିବାସିନ୍ଦାଙ୍କୁ କୋଭିଡ୍-୧୯ ସହାୟତା ପ୍ରଦାନ କରାଯାଇଛି । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଚାଉଳ, ଡ଼ାଲି, ସାବୁନ, ସାନିଟାଇଜର ଓ ମାସ୍କ ଦିଆଯିବା ସହ କୋଭିଡ଼ ମହାମାରୀ ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଏବଂ ଏହାଠାରୁ କିପରି ନିଜକୁ ସୁରକ୍ଷିତ ରଖିବେ, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହାପରେ ପୁନଶ୍ଚ ଜଟଣୀ ନିକଟସ୍ଥ କୃଷ୍ଣାଶ୍ରମଠାରେ ୫୦ଜଣ ବ୍ୟକ୍ତିଙ୍କୁ ମଧ୍ୟ ଏହି ସହାୟତା ପ୍ରଦାନ କରାଯାଇଛି । ଏହି ଅଭିଯାନରେ ଲାୟନ୍ସ ଇଣ୍ଟରନ୍ୟାସନାଲ, ଡ଼ିଷ୍ଟ୍ରିକ୍ଟ୩୨୨ସି୪ର ପ୍ରଥମ ଭାଇସ ଗଭର୍ଣ୍ଣର ଲାୟନ ପୂର୍ଣ୍ଣଚନ୍ଦ୍ର ପାଢୀ, ଲାୟନ୍ସ କ୍ଲବ ଭୁବନେଶ୍ୱର ସିଟିର ସଭାପତି ଲାୟନ ଡଃ ସୁଶେନ କୁମାର ପଣ୍ଡା, ଲାୟନ ଡଃ ସୁରେଶ ସାହୁ, ଲାୟନ ଡଃ ହେମନ୍ତ ଝୁଂଟିଆ, ଲାୟନ ଅମୀୟ ବଡ଼ଜେନା ପ୍ରମୁଖ ଯୋଗ ଦେଇଥିଲେ ।

# ଶ୍ରୀ ବଳଦେବଜୀଉ ଅସ୍ଥାୟୀ ମେଳା କର୍ମକର୍ତ୍ତାଙ୍କର ବୈଠକ

କେନ୍ଦ୍ରାପଡା-୨୦ ଡିସେମ୍ବର (ହି.ସ.) ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀୟୁ ଅସ୍ଥାୟୀ ମେଳା ବ୍ୟବସାୟୀ ସଂଘର କର୍ମକର୍ତ୍ତା ମାନଙ୍କର ଏକ ବୈଠକ ରବିବାର ବାରଙ୍ଗେଇ ମନ୍ଦିର ପରିସର ରେ କେନ୍ଦ୍ରାପଡା ବ୍ଲକ ଓ ପୌରାଂଚଳର ଅନୁଷ୍ଠିତ ହୋଇଯାଇଛି । ରବିବାର ଦିନ ୧୦ଟାରେ ଅନୁଷ୍ଠିତ ଏହି ବୈଠକରେ ସଂଘର ସଭାପତି ତଥା ସାମ୍ବାଦିକ ମହମ୍ମଦ ଇଲିଆସ ସଭାପତିତ୍ୱ କରିଥିଲେ । ସଭା ପ୍ରାରମ୍ଭରେ ସହିଦ ଚାଷୀ ମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କିରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇ ଥିଲା । ବିଗତ କାର୍ଯ୍ୟକ୍ରମର ବିବରଣୀ ସଂପାଦକ ଚିତ ରଞ୍ଜନ ମହାନ୍ତି ଆଗତ କରିଥିଲେ । ଆଗାମୀ କାର୍ଯ୍ୟକ୍ରମ ସଂପର୍କରେ କାର୍ଯ୍ୟକାରୀ ସଭାପତି ଆଇନଜୀବି ରମଣୀ ରଞ୍ଜନ ରାଉତରାୟ ଉପସ୍ଥାପନ କରି ଆସନ୍ତା ୨୩ ତାରିଖ ଦିନ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ତୁରନ୍ତ ମେଳା ବ୍ୟବସାୟୀଙ୍କୁ ବିନା ସୁଧରେ ୩ଲକ୍ଷ ଟଙ୍କା ଋଣ ପ୍ରଦାନ , ମେଳା କରିବା ପାଇଁ ଅନୁମତି, କୋଭିକଡ ସହାୟତା ପ୍ରଦାନ, ବୀମା ପ୍ରଦାନ ଆଦି ଦାବି ଉପରେ ଆଲୋଚନା କରାଯାଇଥିଲା । ଉକ୍ତ ବୈଠକରେ ଉପ ସଭାପତି ଦିଲିପ କୁମାର ବେହେରା, ରୀନା ସାନା, କାଶୀନାଥ ସାହୁ, ଦଧିବାମନ ସିଂହ, କଟକ ଆବାହକ ଶ୍ରୀମତୀ ତପସ୍ୱନୀ ନାୟକ, ସୁନାକର ସାହୁ, ରଞ୍ଜନ ଦାସ, କୃଷ୍ଣଚନ୍ଦ୍ର ସାହୁ, ଗୋଲଖ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶାର ଆଇ ଟି ଆଇ ଓ ପଲିଟେକ୍ନିକ ଅନୁଷ୍ଠାନର ବିକାଶ ଉପରେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତ ବାଗଚିଙ୍କ ଗୁରୁତ୍ୱାରୋପ

ଝାରସୁଗୁଡ଼ା,୨୧।୧୨ (ନି.ପ୍ର): ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ର ଅଧକ୍ଷ ସୁବ୍ରତ ବାଗଚିଙ୍କ ଝାରସୁଗୁଡ଼ା ଜିଲ୍ଲା ଗସ୍ତ ଅବସରରେ ଓଡ଼ିଶାର ଆଇ ଟି ଆଇ ଓ ପଲିଟେକ୍ନିକ ଅନୁଷ୍ଠାନଗୁଡିକୁ ଜାତୀୟ ସ୍ତରରେ ଶ୍ରେଷ୍ଠ ଅନୁଷ୍ଠାନ ମଧ୍ୟରେ ପରିଗଣିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଝାଡ଼ସୁଗୁଡା ଯାନ୍ତ୍ରିକ ବିଦ୍ୟାଳୟ ଅଡିଟୋରିଅମରେ ଝାଡ଼ସୁଗୁଡା ସମେତ ସମ୍ବଲପୁର, ସୁନ୍ଦରଗଡ଼ , ଦେବଗଡ଼ ଓ ବରଗଡ଼ର ସମସ୍ତ ଆଇ ଟି ଆଇ , ପଲିଟେକ୍ନିକର ଅଧକ୍ଷ , ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ନିୟୋଜନ ଅଧିକାରୀମାନଙ୍କର ମିଳିତ କାର୍ଯ୍ୟକ୍ରମ ରେ ଯୋଗ ଦେଇ ଓଡ଼ିଶାର ଆଇ ଟି ଆଇ ଓ ପଲିଟେକ୍ନିକ ଅନୁଷ୍ଠାନଗୁଡିକରେ ଦକ୍ଷତା ବିକାଶ ପାଇଁ ଅଧିକ ମନୋନିବେଶ ସକାଶେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । କରୋନା ସକାଶେ ଦୀର୍ଘ ନଅ ମାସ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହୋଇଛି । ଶିକ୍ଷାର୍ଥୀମାନେ ଏଥି ପାଇଁ ଯେପରି ପଛୁଆ ନହେବେ ସେଥି ସକାଶେ ୨୦୨୧ର ଆକ୍ସନ ପ୍ଲାନ ପ୍ରସ୍ତୁତ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ମିଳିତ ଭାବରେ ସମସ୍ତେ ଏ ଦିଗରେ କାର୍ଯ୍ୟ କରିବାକୁ ସେ କହିଥିଲେ । ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଝାଡ଼ସୁଗୁଡା ଜିଲ୍ଲା ପ୍ରଶାସନର କାର୍ଯ୍ୟର ସେ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣର ନିର୍ଦ୍ଦେଶକ ରେଘୁ ଜି . ଯୁଗ୍ମ ସଚିବ ପିନାକୀ ପଟ୍ଟନାୟକ , ରେଣୁପ୍ରଭା ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଝାରସୁଗୁଡ଼ା ଜିଲ୍ଲାରେ ବୈଷୟିକ ଶିକ୍ଷାର ବିକାଶ ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ସରୋଜ କୁମାର ସାମଲ କହିଥିଲେ । ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟର ଅଧକ୍ଷ୍ୟା ପ୍ରଗତି ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସୂର୍ଯ୍ୟନାରାୟଣ ରାୟ , ସତ୍ୟାନନ୍ଦ ସେଠୀ , ଅନିତାରାଣୀ ବ୍ରହ୍ମା ଓ ଅନୁଷ୍ଠାନର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସାହୁ ନ୍ୟୁଜ ଏଜେନ୍ସି ତରଫରୁ ବନ୍ଧୁମିଳନ

ଭୁବନ ,୨୧।୧୨ (ନି.ପ୍ର): ଭୁବନରେ ସମସ୍ତ ଖବରକାଗଜ ଓ ପତ୍ରିକାର କ୍ଷମତାପ୍ରାପ୍ତ ବିକ୍ରେତା ସାହୁ ନ୍ୟୁଜ ଏଜେନ୍ସି ତରଫରୁ ସତ୍ତ୍ୱାଧିକାରୀ ସାମ୍ବାଦିକ କୃଷ୍ଣଚନ୍ଦ୍ର ସାହୁ ଙ୍କ ଅଧକ୍ଷତା ଓ ସହଯୋଗୀ ଦିଲ୍ଲୀପ କୁମାର ଦାସ ଙ୍କ ସଂଯୋଜନାରେ କେନ୍ଦୁପଡା ଠାରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ବାର୍ତ୍ତା ର ସମ୍ପାଦକ ଅଲେଖ ଚନ୍ଦ୍ର ତ୍ରିପାଠୀ ଙ୍କ ସମେତ ସାମ୍ବାଦିକ ସୁଶାନ୍ତ କୁମାର ପୋଥାଳ, ଦେବାନନ୍ଦ ସାହୁ, ସରୋଜ କୁମାର ପୃଷ୍ଟି,କ୍ଷୀରୋଦ ଚନ୍ଦ୍ର ନାୟକ ଓ ବିତରକ ଚୈତନ୍ୟ ବେହେରା, କ୍ଷୀରୋଦ ପୃଷ୍ଟି, ରାଜେଶ କୁମାର ସାହୁ, ସଞ୍ଜୟ ସାହୁ, ଅମ୍ବୁଜ ପରିଡା, ଶ୍ରୀକାନ୍ତ ବେହେରା, ଲିପୁ ଜଟ, ଅନାମ ସାହୁ ପ୍ରମୁଖ ଯୋଗଦେଇଥିଲେ ।

## ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ଛତୁଚାଷ ପ୍ରଶିକ୍ଷଣ

କେନ୍ଦ୍ରାପଡା,୨୧।୧୨ (ନି.ପ୍ର): କେନ୍ଦ୍ରାପଡାର ଜଝାଙ୍ଗ ସ୍ଥିତ କୃଷି ବିଜ୍ଞାନ ଗବେଷଣା କେନ୍ଦ୍ର ପରିସର ରେ ମହିଳା ଚାଷୀ ମାନଙ୍କୁ ୪ଦିନିଆ ଛତୁ ଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏକ ପୁଷ୍ଟିସାର ଖାଦ୍ୟ ଭାବେ ଛତୁର ବ୍ୟାପକ ଆଦର ଥିବାବେଳେ ଏହାକୁ ଚାଷ କରି ଇଚ୍ଛୁକ ବ୍ୟକ୍ତିମାନେ ଲାଭବାନ ହୋଇ ପାରିବେ । ଏହି ଲକ୍ଷକୁ ସାକାର କରିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ପରିସର ରେ ଉଦ୍ୟାନ କୃଷି ବିଜ୍ଞାନ ପକ୍ଷରୁ ଛତୁଚାଷ ପ୍ରଶିକ୍ଷଣ ଦିଆଯାଇ ଥିଲା । ଜିଲ୍ଲାର କେନ୍ଦ୍ରାପଡା, ଡେରାବିଶ ଓ ଗରଦପୁର ବ୍ଲକକୁ ଲକ୍ଷ୍ୟ ରଖାଯାଇ ଆଗ୍ରହୀ ଚାଷୀ ମାନଙ୍କୁ ତାଲିମ ଦିଆଯାଇଛି । ଏଥିରେ ମୋଟ ୩୦ଜଣ ମହିଳା ଛତୁଚାଷୀ ଯୋଗ ଦେଇଥିଲେ । ଏହା ସହ ଜିଆଖତ ଓ କମ୍ପୋଷ୍ଟ ଖତ ପ୍ରସ୍ତୁତ କରିବାର ପ୍ରଣାଳୀ ମଧ୍ୟ ପ୍ରଶିକ୍ଷଣ ଦିଆଯାଇ ଥିଲା । ରାସାୟନିକ ସାର ଅପେକ୍ଷା ପାରମ୍ପରିକ ଖତ ଓ ଜିଆ ଖତ ଛତୁଚାଷ ପାଇଁ ଉପେଯାଗୀ ହୋଇଥିବାରୁ ବିନା ଖର୍ଚ୍ଚରେ ଚାଷୀମାନେ କିଭଳି ଏହାକୁ ପ୍ରସ୍ତୁତ କରି ଛତୁଚାଷ ରେ ପ୍ରୟୋଗ କରିପାରିବେ ସେ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଇ ଥିଲା । ଶେଷରେ ପ୍ରତ୍ୟେକ ଚାଷୀଙ୍କୁ ଗୋଟିଏ ଲେଖାଏଁ ୧୫ଲି ସ୍ପ୍ରେ ମେସିନ ପ୍ରଦାନ କରାଯାଇ ଥିଲା । ଏହି ଶିବିର ରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ସୂର୍ଯ୍ୟ ନାରାୟଣ ମିଶ୍ର ଅଧକ୍ଷତା କରିଥିଲେ । ଉଦ୍ୟାନ କୃଷି ବିଜ୍ଞାନର ଅତିରିକ୍ତ ନିର୍ଦ୍ଦେଶକ କନ୍ଦ ଜେନା, ନମିତା ମହାପାତ୍ର, ଆଦିକନ୍ଦ ମିଶ୍ର, ନିତ୍ୟାନନ୍ଦ ମିଶ୍ର, ପ୍ରଭଞ୍ଜନ ଶତପଥୀ, ଶୁଭଶ୍ରୀ କରଙ୍କ ସମେତ ଶୈଳବାଳା ସାମାଲ , ତିଲୋତ୍ତମା ଦାସ, ନିରୁପମା ମହାନ୍ତି, ସୁରମା ଦାସ, କବିତା ସାମଲ ପ୍ରମୁଖ ଚାଷି ଶିବିର ରେ ଉପସ୍ଥିତ ଥିଲେ ।

# କାଳୀ ବଜାରରୁ ନୂଆବଜାର ଟ୍ରାଫିକ ଜାମ

## ଦିନବେଳା ବେଆଇନ ଭାରିଯାନ ଚଳାଚଳ ବନ୍ଦ ପାଇଁ ଦାବି

ଭୁବନ ,୨୧।୧୨ (ନି.ପ୍ର): ଭୁବନ ସହର ଦେଇ ଯାଇଛି ଜାତୀୟ ରାଜପଥ ୫୩ । କାଳୀ ବଜାର ଏକ ପ୍ରମୁଖ ବାଣିଜ୍ୟିକ ପେଣ୍ଠସ୍ଥଳ । ସହୀଦ ବାଜିରାଉତଙ୍କ ପ୍ରତିମୂର୍ତ୍ତିକୁ ଟ୍ରାଫିକ ପୋଷ୍ଟ ଭାବରେ ସ୍ଥାପିତ କରାଯାଇଛି । ଜାତୀୟ ରାଜପଥ ୫୩ ଭୁବନ ଏନ.ଏ.ସି ଦେଇ ଯାଇଥିଲେ ବି ଏହି ରାସ୍ତାକୁ ନା ଏନ.ଏ.ସି ମରାମତି କରିପାରୁଛି ନା ଜାତୀୟ ରାଜପଥ ବିଭାଗ କାମ କରୁଛି । କାଳୀବଜାର ଠାରୁ ସହିଦ ଙ୍କ ଗ୍ରାମ ନୀଳକଣ୍ଠପୁର, ବାଜିରାଉତ ପୋଲ ଦେଇ ଢେଙ୍କାନାଳ ପର୍ଯ୍ୟନ୍ତ ଲମ୍ବିଯାଇଛି ପୂର୍ତ୍ତବିଭାଗ ରାସ୍ତା । ଏହି ରାସ୍ତାଟି ମଧ୍ୟ କଟକ ଜିଲାର ଟାଙ୍ଗୀ ଠାରେ ଜାତୀୟ ରାଜପଥ ୫ (ନୂଆ ୧୬) କୁ ସଂଯୋଗ କରୁଛି । ଏନଏଚ ୫୩ ରେ ସକାଳ ୭ ଘଟିକା ଠାରୁ ରାତି ୯ ଘଟିକା ପର୍ଯ୍ୟନ୍ତ କେବଳ ଯାତ୍ରୀବାହୀ ବସ,କାର ଓ ଏନଏଚ କାର୍ଯ୍ୟରେ ବ୍ୟବହୃତ ଗାଡି ବ୍ୟତିତ ଅନ୍ୟ ଭାରିଯାନ ଚଳାଚଳକୁ ନିଷିଦ୍ଧ କରାଯାଇଥିବା ବେଳେ ସୁକିନ୍ଦା ଅଂଚଳରୁ ଆଠଗଡ ଅଂଚଳକୁ ଲୋଡ ହୋଇଯାଉଥିବା କ୍ରୋମାଇଟ ଟ୍ରକ ଭାୟା ମଙ୍ଗୁଳି ଦେଇ ଯିବାର ଥିଲେ ବି କମ ଦୂରତ୍ୱ ପାଇଁ ଗାଡି ଗୁଡିକ ଏହି ରାସ୍ତାରେ ଯାତାୟତ କରୁଛି ଓ ତାଳଚେର ରୁ ଶତାଧିକ କୋଇଲା ଟ୍ରକ ଏହି କାଳୀବଜାର ଛକଦେଇ କଳିଙ୍ଗନଗର ସ୍ଥିତ ବିଭିନ୍ନ ଷ୍ଟିଲ ପ୍ଲାଣ୍ଟ କୁ ଯାଉଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଛି । ପଥଚାରୀ ମାନେ ହଇରାଣ ହେଉଛନ୍ତି ଓ ଧୂଳିରେ ପୋତା ପଡିଯାଉଛନ୍ତି । ଢେଙ୍କାନାଳ ପଟରୁ ବାଜିରାଉତ ସେତୁ ଦେଇ ଶତାଧିକ ମାଙ୍କଡା ପଥର , ଚିପ୍‌ସ, ବାଲି ଗାଡି ଭୁବନ ବସଷ୍ଟାଣ୍ଡ ରାସ୍ତାରେ ଯାଉଛି । ତା ସାଙ୍ଗକୁ ବିଶେଷକରି ବିଭିନ୍ନ ବାଲି ଖାଦାନରୁ ଦୈନିକ ବାଲି ବୋଝେଇ କରି ଯାତାୟତ କରୁଥିବା ଶତାଧିକ ହାଇଓ୍ୱା ଟ୍ରକ ଗୁଡିକରୁ ବାଲି ରାସ୍ତାରେ ପଡୁଛି ଓ ହାଇଵ୍ୱା ଗାଡି ଚଳାଚଳ ସକାଶେ ଟ୍ରାଫିକ ସମସ୍ୟା ଗୁରୁତର ହେଉଛି । ଭାରୀଯାନ ଗୁଡିକ ଯିବାଆସିବା ଫଳରେ ରାସ୍ତା ତ ଖରାପ ହେଉଛି ତା ସାଙ୍ଗକୁ ଟ୍ରାଫିକ ଜାମ ରହୁଥିବାରୁ ଭୁବନବାସୀ ବହୁ ହଇରାଣ ହେଉଛନ୍ତି । ଟ୍ରାଫିକ ଜାମ ଯୋଗୁ ବେଳେବେଳେ ଆମ୍ବୁଲାନ୍ସ ମଧ ଘଣ୍ଟେ ପର୍ଯ୍ୟନ୍ତ ଅଟକି ରହୁଛି । ଭୁବନ କାଳୀ ବଜାର ରୁ ନୂଆବଜାର ରାସ୍ତାରେ ସବୁବେଳେ ଟ୍ରାଫିକ ସମସ୍ୟା ଉପୁଜୁଛି । ତେଣୁ ଦିନବେଳା ଭାରିଯାନ ଚଳାଚଳ ସଂପୂର୍ଣ୍ଣ ବନ୍ଦ କରାଯିବାକୁ ଦାବି ହୋଇଛି ।

# ମଙ୍ଗରାଜପୁର ପଂଚାୟତରେ କମ୍ବଳ ବଂଟନ କଲେ ଅପରାଜିତା

ଧର୍ମଶାଳା,୨୧।୧୨ (ନି.ପ୍ର): ମା' ବିରଜା କ୍ଷେତ୍ର ପରିଦର୍ଶନରେ ଆସିଛନ୍ତି ଭୁବନେଶ୍ୱର ସାଂସଦ,ରାଜ୍ୟ ଉପସଭାପତି ତଥା ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀ । ଏହି ଗ୍ରସ୍ତ ସମୟରେ ଆଜି ବିଜେପି ପକ୍ଷରୁ ବାଟରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଗ୍ରସ୍ତ ସମୟରେ ଧର୍ମଶାଳା ଥାନା ଅନ୍ତର୍ଗତ ଦେଓଦା,ରସୁଲପୁର ବ୍ଲକ ବ୍ରହ୍ମବରଦା ବ୍ୟାଙ୍କଛକଠାରେ ଦଳୀୟ କର୍ମୀଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ପରେ ଏହି ବ୍ଲକ ମଙ୍ଗରାଜପୁର ପଂଚାୟତ ଦହିଖିଆ ମଠ ପରିସରରେ ଏକ କମ୍ବଳ ବଂଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ରାଷ୍ଟ୍ରବାଦୀ ସେବାଶ୍ରମ ବରୀ,ମଙ୍ଗରାଜପୁର ଓ ଖଣ୍ଡାସ ଫକ୍ଷରୁ ଏହି ସ୍ୱାଗତ ସମାରୋହ ଓ କମ୍ବଳ ବିତରଣ କରାଯାଇଥିଲା । ଅତିଥିଭାବେ ଶ୍ରମତୀ ଅପରାଜିତା ବନ୍ୟା ପୀଡିତା ଓ ଅସହାୟ ବ୍ୟକ୍ତିମାନଙ୍କୁ କମ୍ବଳ ବଂଟନ କରିଛନ୍ତି । ପରେ ସେ ମା' ବିରଜାଙ୍କ ଦର୍ଶନ ନିମନ୍ତେ ବାହାରିଯାଇଥିବା ଜଣାପଡିଛି । ତାଙ୍କର ଏହି ଗ୍ରସ୍ତ ସମୟରେ ସ୍ଥାନୀୟ ଅଂଚଳର ମହିଳାମାନେ ଉପସ୍ଥିତ ରହି ସେମାନଙ୍କ ସମସ୍ୟାକୁ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଶୁତୋଷ ପରିଡ,ସୌଭାଗ୍ୟ ମିଶ୍ର,ପ୍ରଫୁଲ୍ଲ ଗିରି,ରବିନ୍ଦ୍ର ଜେନା,ଲକ୍ଷ୍ମୀଧ ପତି,ପ୍ରଶାନ୍ତ ମହାରଣା,ପରମାନନ୍ଦ ଜେନା,ସୁରେନ୍ଦ୍ର ବେହେରା,ଆଶୁତୋଷ ବାରିକ,ଦେବାଶିଷ ସିଅ,ଅନୀଲ ରାଉତ,ଚିତ ରଂଜନ ଗନ୍ତାୟତ,ସୂର୍ଯ୍ୟମଣୀ ପଣ୍ଡା,ପବିତ୍ର ଖଣ୍ଡାଇ,ଗଗନ ମହାନ୍ତି,ସୂର୍ଯ୍ୟକାନ୍ତ ପାଣିଗ୍ରାହୀ ଓ ଅଚ୍ୟୁତ ମହାଳିକ ପ୍ରମୁଖ କାର୍ଯ୍ୟକମ ପରିଚାଳନାରେ ସହଯୋଗ କରିଥିଲେ । ବରୀ ୩୬ ନଂ ଜୋନରେ ପୁରୁଣା କର୍ମୀଙ୍କ ଉତ୍ସାହ ବଢିଛି,ଯୋଗ ଦେଲେନି ନୂତନ ବିଜେପି କର୍ମୀ ବରୀ ନିର୍ବାଚନ ମଣ୍ଡଳୀ ୩୬ ନଂ ଜୋନ ୨ ଫଳ ହୋଇଯାଇଥିବା ନେଇ ଆଜିର ଅପରାଜିତଙ୍କ କାର୍ଯ୍ୟକ୍ରମରେ ଜଳଜଳ ହୋଇ ଦିଶୁଥିବା ଦେଖିବାକୁ ମିଳିଥିଲା । ଆଜି ସକାଳେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ବରୀ ନିର୍ବାଚନ ମଣ୍ଡଳୀ ୩୬ ନଂ ଜୋନରେ ଏକ କମ୍ବଳ ବଂଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବିଶେଷ କରି ଶାସକ ବିଜେଡି ନେତାଙ୍କୁ ବିଭିନ୍ନ ପ୍ରସଙ୍ଗରେ ଅଡୁଆରେ ପକାଇଥିବା ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତ ତାଙ୍କ ଏହି ଗ୍ରସ୍ତ ସମୟରେ ରାଜନୈତିକ ପାଣିପାଗକୁ ଉଷ୍ମ କରିଛି । ବିଶେଷ କରି ତାଙ୍କର ଏହି ଗ୍ରସ୍ତରେ କେହି ନୁଆ ନେତାଙ୍କ ଛାଇମଧ୍ୟ ଦେଖିବକୁ ମିଳି ନ ଥିଲା । ଚଳିତ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରେ ବିଧାନସଭା ନିର୍ବାଚନାରେ ବିଧାୟକ ପ୍ରାର୍ଥୀଭାବେ ଛିଡା ହୋଇଥିବା ବିଶ୍ୱ ରଂଜନ ମଲ୍ଲିକଙ୍କ ସମେତ ଏହି ଜୋନର ଜିଲାପରିଷଦ ସଭ୍ୟ ଚତୃଭୂଜ ଦ୍ୱିବେଦୀଙ୍କୁ କାର୍ଯ୍ୟକ୍ରମରେ ଦେଖିବାକୁ ମିଳି ନ ଥିଲା । ଧର୍ମେନ୍ଦ୍ର ପ୍ରଧାନ ଓ ଅପରାଜିତା ଷଡଙ୍ଗୀ ଗୋଷ୍ଠୀ ବାରି ହୋଇପଡୁଥିଲା । ଚଳିତ ନିର୍ବାଚନରେ ବିଶ୍ୱ ବିଜେପିରେ ମିଶି ଦଳୀୟ ଟିକେଟରୁ ବିଧାୟକ ପ୍ରାଥୀଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ । ଏହି ନିର୍ବାଚନରେ ପୁରୁଣା ବିଜେପି ପକ୍ଷରୁ କୌଣସି ସହାୟତ ମିଳି ନ ଥିଲା । ଫଳରେ ପୁରୁଣା ନେତା ଓ କର୍ମୀ ସେହିଦନଠାରୁ ଚୁପ ରହିବା ସହ ଆଜିରେ ଅପରାଜିତାଙ୍କ କାର୍ଯ୍ୟକ୍ରମରେ ହଠାତ ସକ୍ରୀୟ ହୋଇପଡିଥିବା ଦେଖିବାକୁ ମିଳିଥିଲା । ଯାହାକୁ ନେଇ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ଏହି କାର୍ଯ୍ୟକ୍ରମ ଦଳୀୟ କାର୍ଯ୍ୟକ୍ରମ ହୋଇ ନଥିବା ନୁଆ ନେତା ଛକ ବଜାରରେ କହିବୁଲୁଥିବା ଶୁଣିବାକୁ ମିଳୁଛି ।

# ହାଇ ପ୍ରୋଫାଇଲ ଜୁଆଖେଳ ମାମଲା: ହୋଟେଲ ମାଲିକଙ୍କୁ କେଉଁ ପୁଲିସ ବାବୁ ଆର୍ଶୀବାଦ କଲେ !

ରାଉରକେଲା, ୨୦ ଡ଼ିସେମ୍ବର (ହି.ସ.)- ରାଉରକେଲା ସହରରେ ଗତ ୨ ଦିନ ତଳେ ପ୍ଲାଂଟ ସାଇଟ ପୁଲିସ ରେଳଷ୍ଟେସନ ପାଖ ଏକ ହୋଟେଲରେ ଚଢଉ କରି ସେଠାରୁ ୧୨ ଜଣ ଜୁଆଡିଙ୍କୁ ଗିରଫ କରିବା ସହ ଟଙ୍କା ଗାଡି ଆଦି ଜବତ କରିଥିବା ବେଳେ ଏହି ମାମଲାରେ ସେହି ହୋଟେଲ ମାଲିକ କିମ୍ବା ତାଙ୍କ ପରିଚାଳକ କାହା ବିରୋଧରେ ମାମଲା କାହିଁକି ନହେଲା , ମାମଲା ନକରିବା ଲାଗି କେଉଁ ବଡ ପୁଲିସି ବାବୁ ଥାନା ଅଧିକାରୀଙ୍କୁ ଚାପ ପକାଇଲେ ସେ ନେଇ ପୁଲିସ ଅଫିସର ଓ ଆଇନକୁ ଭଲ ଭାବେ ଜାଣୁ ଥିବା ଲୋକଙ୍କ ମହଲରେ ବେଶ ଚର୍ଚ୍ଚାର ବିଷୟ ହୋଇଛି । ରାଉରକେଲା ସହରର ପ୍ଲାଂଟ ସାଇଟ ପୁଲିସ ନିକଟରେ ଏକ ୧୨ ଜଣିଆ ଜୁଆ ଖେଳୁଥିବା ଦଳକୁ ରେଳଷ୍ଟେସନ ନିକଟ ତଥା ଜଣେ ସୁନା ଦୋକାନୀଙ୍କ ଏକ ହୋଟେଲରୁ ଧରିଲେ । ସେମାନଙ୍କ ଠାରୁ ୧୨ ଲକ୍ଷ ୨୭ ହଜାର ୫୦୦ ଟଙ୍କା ଜବତ କରାଜିବା ସହ ୨ କାର ଓ ୫ଟି ମୋଟରସାଇକେଲ ମଧ ଜବତ କରାଯାଇଛି । ଗିରଫ ମାନଙ୍କ ଭିତରେ ୮ ଜଣ ବ୍ୟବସାୟୀ, ଜଣେ ବି ଟେକ ଛାତ୍ର, ପାନଦୋକାନୀ ଓ ଠିକାଦାର ଥିଲେ ବୋଲି ଜଣାପଡିଛି । ଏହି ହୋଟେଲ ଗଳି ବେଶ୍ ପରିଚିତ କାରଣ କିଛି ଦିନ ତଳେ ରାଉରକେଲାକୁ ଆସିଥିବା ଆତଙ୍କବାଦୀ ମାନେ ଏହି ଗଳି ଓ ଏଠାରେ ଥିବା ଏକ ପିସିଓକୁ ସେମାନେ ନିୟମିତ ବ୍ୟବହାର କରୁଥିଲେ । ଅନ୍ୟାନ୍ୟ ଦିଗରୁ ମଧ ଏହି ଗଳି ବେଶ୍ ପରିଚିତ । ତେବେ ଗିରଫ ବ୍ୟକ୍ତି ମାନଙ୍କୁ ଧରି ସେମାନଙ୍କୁ କୋର୍ଟଚାଲାଣ ବେଳେ ପ୍ଲାଂଟସାଇଟ ପୁଲିସି ଏକ ସାମ୍ବାଦିକ ସମ୍ମିଳନୀ କରୁଥିବା ବେଳେ କେତେକ ସାମ୍ବାଦିକ କୁଆଡେ ପ୍ରଶ୍ନ କରିଥିଲେ କିଏ ସେ ପୁଲିସି ବାବୁ ଯାହାଙ୍କର ସେହି ହୋଟେଲ ମାଲିକଙ୍କ ଉପରେ ଏତେ ଆର୍ଶୀବାଦ ରହିଛି । ସେ ବାବୁ ରାଉରକେଲା ଆସିବା ସମୟରେ ସେହି ହୋଟେଲରେ ୩ ମାସ ରହଣି କରିଥିଲେ । ତେଣୁ ହୋଟେଲ ପ୍ରତି ତାଙ୍କର କିଛିଟା ଦୁର୍ବଳତା ରହିଛି । ସେଥିଲାଗି ହୋଟେଲ ମାଲିକ କିମ୍ବା ପରିଚାଳକଙ୍କ ବିରୋଧରେ ମାମଲା ନକରିବାକୁ ସେ ପ୍ଲାଂଟସାଇଟ ଥାନାକୁ ତାଗିଦ କରିଥିଲେ ଓ ସେଥିଲାଗି ହୋଟେଲ ତରଫରୁ କେହି ଗିରଫ ହୋଇ ନାହାନ୍ତି ବୋଲି ଅନ୍ୟ ଏକ ସୂତ୍ରରୁ ସୂଚନା ମିଳିଛି । ସେହି ଭଳି ଏହି ଥାନା ଅଂଚଳରେ ଥିବା କିଛି ହୋଟେଲ ମାଲିକ ମଧ ବ୍ୟତି ବ୍ୟସ୍ତ ହୋଇପଡିଲେଣି, ସେମାନଙ୍କୁ ବିଭିନ୍ନ ସମୟରେ ଫୋନ୍ କରାଯାଇ ବିଭିନ୍ନ ସେବା ଲାଗି କୁହାଯାଉଥିବାର ଖବର ମିଳିଛି । କଥାରେ ଅଛି ଚାକିରୀ କରିବୁ ପୁଲିସି, ମାଛ ଖାଇବୁ ଇଲିସି, ଏହି କଥା ସେହି ବାବୁଙ୍କୁ ପାଖରେ ବେଶ ଖାପ ଖାଉଥିବା ବିଷୟ ଆଲୋଚନା ହେଉଛି । ତେବେ ଏହି ମାମଲାରେ ଯଦି ଜୁଆଡି ଗିରଫ ହେଲେ ତେବେ ଯେଉଁ ଯାଗାରେ ଖେଳ ହେଉଥିଲା ସେହି ଯାଗାର ମାଲିକ କାହିଁକି ଗିରଫ ନହେବେ ସେ ବିଷୟରେ ପୁଲିସି ମୁଖ୍ୟ କିପ୍ରକାର ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

# କଳିଙ୍ଗ ଷ୍ଟାଡିୟମ୍ ଉନ୍ନୟନ କାର୍ଯ୍ୟ ତଦାରଖ କଲେ କ୍ରୀଡା ମନ୍ତ୍ରୀ

ଭୁବନେଶ୍ୱର,୨୧।୧୨ (ନି.ପ୍ର): ଇଲେକ୍‌ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ରବିବାର ପୂର୍ବାହ୍ନରେ କଳିଙ୍ଗ ଷ୍ଟାଡିୟମ୍ ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଛନ୍ତି । ବର୍ତ୍ତମାନ କୋଭିଡ୍ ମହାମାରୀ ଯୋଗୁଁ ଅନେକ କ୍ରୀଡ଼ା କାର୍ଯ୍ୟକ୍ରମ ବନ୍ଦ ରହିଥିବାବେଳେ କ୍ରୀଡ଼ା ଭିତିଭୂମି ଓ ଉନ୍ନୟନ କାର୍ଯ୍ୟର ସଫଳ ଅଗ୍ରଗତି ନେଇ ମନ୍ତ୍ରୀ ଶ୍ରୀ ବେହେରା କଳିଙ୍ଗ ଷ୍ଟାଡିୟମ୍‌ର ବିଭିନ୍ନ ଅଂଚଳ ବୁଲି ଦେଖିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ବେହେରା କଳିଙ୍ଗ ଷ୍ଟାଡିୟମ୍ ସ୍ଥିତ ୱେଟ୍ ଲିଫ୍ଟ ହଲ୍, ବହୁମୁଖୀ ଇଣ୍ଡୋର ହଲ୍, ସୁଟିଂ ରେଞ୍ଜ, ସୁଇମିଂ ପୁଲ୍, ବ୍ୟାଡ୍‌ମିଂଟନ ହଲ୍ ଆଦି ବୁଲି ଦେଖିବା ସହ ଫାୟାର ଫାଇଟିଂ ପ୍ରକଳ୍ପ ଏବଂ ନର୍ଥ ବ୍ଲକ୍ ର ଉନ୍ନୟନ କାର୍ଯ୍ୟର ଅଗ୍ରଗତି ନେଇ କ୍ରୀଡ଼ା ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଷ୍ଟାଡିୟମ୍ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ନେଇ ମନ୍ତ୍ରୀ ଶ୍ରୀ ବେହେରା ସନ୍ତୋଷ ବ୍ୟକ୍ତ କରିବା ସହ କ୍ରୀଡ଼ା ବିଭାଗ ଅଧିକାରୀ ଓ କର୍ମଚାରୀମାନଙ୍କ ନିରନ୍ତର ଉଦ୍ୟମ ଓ ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ । ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ କ୍ରୀଡ଼ା ବିଭାଗର ଉପନିର୍ଦ୍ଦେଶକ ରଂଜିତ କୁମାର ପରିଡ଼ାଙ୍କ ସହ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ମହାକାଳପଡାରେ ୫ ଟି ସଚିବ: ନଦୀଭିତ୍ତିକ ବନ୍ଦରସ୍ଥାନ ଅନୁଧ୍ୟାନ

କେନ୍ଦ୍ରାପଡା,୨୧।୧୨ (ନି.ପ୍ର): ଓଡିଶା ସରକାରଙ୍କର ୫ ଟି ସଚିବ ଭି କେ ପାଣ୍ଡିଆନ ରବିବାର ମହାକାଳପଡା ଗସ୍ତ କରି ବରକନ୍ଧା ପଂଚାୟତର ଆଖଡାଶଳିଠାରେ ହେବାକୁ ଥିବା ନଦୀଭିତିକ ବନ୍ଦର ସ୍ଥାନକୁ ବୁଲି ଦେଖିବା ସହିତ ଏହି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । ଆଜି ପୂର୍ବାହ୍ନ ସାଢେ ୯ ଟା ସମୟରେ ଶ୍ରୀ ପାଣ୍ଡିଆନଙ୍କ ସମେତ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ,ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ସଚିବ ମନୋଜ ମିଶ୍ର ,ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟର ଅଧ୍ୟକ୍ଷ ରିଙ୍କେଶ ରାୟ ,ସ୍ଥାନୀୟ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଏବଂ କେନ୍ଦ୍ରାପଡା ଜିଲ୍ଲାପାଳ ସମର୍ଥ ବର୍ମା ଏକ ବୋଟ ଯୋଗେ ନଦୀଭତିକ ବନ୍ଦର ସ୍ଥାନକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ । ୪ହଜାର କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ବନ୍ଦରରେ ବାର୍ଷିକ ୫୪ ମେଟ୍ରିକ ଟନ ପଣ୍ୟ ଦ୍ରବ୍ୟ କାରବାର କରିବାର ସୁଯୋଗ ସୃଷ୍ଟି କରିବ । ସେହିପରି ବନ୍ଦରଟି ନିର୍ମାଣ ହେଲେ ଏଠାରେ ପ୍ରାୟ ୬ ହଜାର ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହୋଇ ପାରିବ ବୋଲି ସରକାର ଆଶା ରଖିଛନ୍ତି । କେନ୍ଦ୍ର ସରକାରଙ୍କର ବନ୍ଦର ,ଜାହାଜ ଚଳାଚଳ ଓ ଜଳପଥ ବିଭାଗ ବନ୍ଦର ପ୍ରସ୍ତାବ ଉପରେ ମୋହର ମାରିବା ପରେ ଏବେ ଚଳଚଞ୍ଚଳ ହୋଇଛନ୍ତି ରାଜ୍ୟ ସରକାର । ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ ଏହି ବନ୍ଦର ନିର୍ମାଣ କାର୍ଯ୍ୟ କରିବାକୁ ଆଗ୍ରହ ଦେଖାଇଥିବା ବେଳେ ସରକାର ଏମଓୟୁ ପାଇଁ ଅପେକ୍ଷା କରିଛନ୍ତି । ନଦୀର୍ଭିକ ବନ୍ଦରଟି ମହାନଦୀର ସମୁଦ୍ର ମୁହାଣଠାରୁ ପ୍ରାୟ ୧୩ କିଲୋମିଟର ଦୂରରେ ଅବସ୍ଥିତ ପିପିପି ମୋଡରେ ଏହି ବନ୍ଦର ନିର୍ମାଣ କାର୍ଯ୍ୟ କରାଯିବାକୁ ରାଜ୍ୟ ସରକାର ଚିନ୍ତା କରିଥିବା ବେଳେ ପାରାଦ୍ୱୀପ ବନ୍ଦର ରେଳପଥ ,ସଡକପଥ ଓ ନଦୀକୁ ଖନନ କରିବା ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବ । ବନ୍ଦରଟି ନିର୍ମାଣ ପାଇଁ ଆବଶ୍ୟକ ଥିବା ୩ ଶହ ଏକର ଜମି ରାଜ୍ୟ ସରକାର ଯୋଗାଇ ଦେବେ । ୨୦୧୮ ମସିହାରେ ଏହି ପ୍ରସ୍ତାବିତ ନଦୀର୍ଭିକ ବନ୍ଦର ର ନିର୍ମାଣ ପାଇଁ ବିଡର ନ ମିଳିବା ଯୋଗୁଁ ଉକ୍ତ କାର୍ଯ୍ୟଟି ବିଳମ୍ବିତ ହୋଇଥିଲା । ଏହି ବନ୍ଦର ହେବା ଦ୍ୱାରା ମହାକାଳପଡା କାହିଁକି ସମଗ୍ର ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧି ଘଟିବ ବୋଲି ସରକାର ଆଶା ରଖିଛନ୍ତି । ଏହି ଗସ୍ତ ସମୟରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଡିଓ ଦେବାଶିଷ ରାଉତ ,ତହସିଲଦାର ସୌଭାଗ୍ୟ ରଂଜନ ପଣ୍ଡା ଙ୍କ ସମେତ ସ୍ଥାନୀୟ ଅଂଚଳର ଜନପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

## ଖୋଲିଲା ଧାନକିଣା ମଣ୍ଡି

ଭଦ୍ରକ, ୨୧ ଡିସେମ୍ବର (ହି.ସ.) - ସରକାରୀ ଦରରେ ଚାଷୀଙ୍କ ଠାରୁ ସରକାର ସିଧା ସଳଖ ପାକ୍ସ, ସ୍ୱୟଂ ସହାୟକ ଗୋଷ୍ଠୀ, ସେବା ସମବାୟ ଜରିଆରେ ଧାନ କ୍ରୟ କରୁଛନ୍ତି । ଯାହା ଦ୍ୱାରା ଚାଷୀ ତାର ଧାନର ଉପଯୁକ୍ତ ମୂଲ୍ୟ ପାଇବ । ଏଥିଲାଗି ଚାଷୀମାନେ ଅନ୍‌ଲାଇନ ଯୋଗେ ନାମ ପଞ୍ଜିକରଣ କରି ଟୋକନ ହାସଲ କରିଛନ୍ତି । ଚାଷୀଙ୍କ ଠାରୁ ସରକାର ସିଧାସଳଖ ଧାନ କ୍ରୟ କରିବାକୁ ପ୍ରତିଶୃତିବଦ୍ଧ । ବାହାର ଦଲାଲଙ୍କୁ ତରବରିଆ ଭାବେ ଧାନ ବିକ୍ରି ନ କରି ସରକାରୀ ଧାର୍ଯ୍ୟ ଦରରେ ସରକାରୀ ମଣ୍ଡିରେ ଧାନ ବିକିବାକୁ ସାଂସଦ ମଞ୍ଜୁଲତା ମଣ୍ଡଳ, ବିଧାୟକ ସଂଜୀବ ମଲ୍ଲିକ ପ୍ରମୁଖ କହିଛନ୍ତି । ଆଜି ଭଦ୍ରକ ବ୍ଲକ ଅର୍ଣ୍ଣପାଳ ପ ।ୟତରେ ସରକାରୀ ଦରରେ ଧାନ କ୍ରୟ ପାଇଁ ମଣ୍ଡିର ଉଦ୍‌ଘାଟନ ହୋଇ ଯାଇଛି ।

# ଗଞ୍ଜାମ ପୋଲିସର କାର୍ଯ୍ୟାନୁଷ୍ଠାନ : ୩୪ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ

ଗଞ୍ଜାମ,୨୧।୧୨ (ନି.ପ୍ର):ଗଞ୍ଜାମ ଜିଲ୍ଲା ପୋଲିସ ପକ୍ଷରୁ ଗତ ୧୯ ତାରିଖ ସକାଳ ଠାରୁ ୨୦ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଂଟା ମଧ୍ୟରେ କୋଭିଡ଼୍ କଟକଣା ଉଲ୍ଲଙ୍ଘନକାରୀ, ବେପରୁଆ ଗାଡି ଚାଳକ, ବେଆଇନ ମଦ କାରବାର ଓ ଜୁଆ ଆଡ୍ଡା ଉପରେ ଚଢ଼ଉ କରାଯାଇଛି । ପୋଲିସର ସୂଚନା ଅନୁଯାୟୀ, ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରିଥିବା ବେପରୁଆ ଗାଡ଼ି ଚାଳକଙ୍କ ଠାରୁ ୩୪ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ସେହିପରି ଗୋଟିଏ ଜୁଆ ଆଡ୍ଡା ଉପରେ ଚଢ଼ଉ କରାଯିବା ସହ ଘଟଣାସ୍ଥଳରୁ ୧୦ ଜୁଆଡ଼ିଙ୍କୁ ଗିରଫ କରାଯାଇଛି । ସେମାନଙ୍କ ନିକଟରୁ ୫୭୦୦ ଟଙ୍କା ଜବତ କରାଯାଇଛି । ଅନୁରୂପ ଭାବେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ମଦ ବ୍ୟବସାୟୀଙ୍କ ଉପରେ ଚଢ଼ଉ କରାଯିବା ସହିତ ଏସବୁ ସ୍ଥାନରୁ ୬୩.୫ ଲିଟର ମଦ ଜବତ ହୋଇଛି । ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି । ଏ ସଂକ୍ରାନ୍ତରେ ପୃଥକ୍ ପୃଥକ୍ ୪ଟି ଅବକାରୀ ମାମଲା ଥାନାରେ ରୁଜୁ କରାଯାଇଛି ।

# ୨୪ ଘଂଟାରେ ୩୬୩ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୨୧।୧୨ (ନି.ପ୍ର): ରାଜ୍ୟର ୨୭ଟି ଜିଲ୍ଲାରୁ ଗତ ୨୪ ଘଂଟାରେ ଆଉ ୩୬୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୬୫୯୬ କୁ ବୃଦ୍ଧି ପାଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ୩୨୧୬୪୭ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୩୦୫୭ ରହିଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆଯାଇଛି । ଆଜି ଚିହ୍ନଟ ହୋଇଥିବା ୩୬୩ ଜଣଙ୍କ ମଧ୍ୟରୁ ୨୦୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୫୫ ଜଣ ସ୍ଥାନୀୟ ଲୋକରହିଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରୁ ଅଧିକ ୫୦ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୋମବାର ଖୋର୍ଦ୍ଧା ଓ ସୁନ୍ଦରଗଡ ଜିଲ୍ଲାରୁ ସର୍ବାଧିକ ୫୦ ଜଣ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହା ବ୍ୟତୀତ ଅନୁଗୁଳ ଜିଲ୍ଲାରୁ ୨୩ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ବାଲେଶ୍ୱରରୁ ୨୦ ଜଣ, ବରଗଡ଼ରୁ ୧୧ ଜଣ, ଭଦ୍ରକରୁ ୭, ବଲାଙ୍ଗୀରରୁ ୮ ଜଣ ସଂକ୍ରମିତ ହୋଇଥିବା ଜଣା ପଡିଛି । 'ସେହିପରି ବୌଦ୍ଧ ଜିଲ୍ଲାରୁ ୩ଜଣ, କଟକରୁ ୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଢେଙ୍କାନାଳରୁ ୧ ଜଣ , ଗଜପତିରୁ ଜିଲ୍ଲାରୁ ୧ଜଣ, ଗଞ୍ଜାମରୁ ୫ ଜଣ, ଜଗତ୍‌ସିଂହପୁରରୁ ୧ ଜଣ, ଯାଜପୁରରୁ ୧୩ ଜଣ, ଝାରସୁଗୁଡ଼ାରୁ ୧୨ ଜଣ, କଳାହାଣ୍ଡିରୁ ୭ ଜଣ ଚିହ୍ନଟ ହୋଇଥିବା ବେଳେ କନ୍ଧମାଳର ଜିଲ୍ଲାରୁ କେହି ହେଲେ ସଂକ୍ରମିତ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୧୦ ଜଣ, କେନ୍ଦୁଝରରୁ ୧୨ ଜଣ, କୋରାପୁଟରୁ ୧, ମାଲକାନଗିରିରୁ ୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୭ ଜଣ ସଂକ୍ରମିତ ହୋଇଥିବା ବେଳେ ନବରଙ୍ଗପୁରରୁ ୩ , ନୟାଗଡ ଜିଲ୍ଲାରୁ ୨ ଜଣ, ନୂଆପଡ଼ାରୁ ୭ ଜଣ, ପୁରୀରୁ ୨୭ ଜଣ ଚିହ୍ନଟ ହୋଇଥିବାବେଳେ , ସମ୍ବଲପୁରରୁ ୩୫ ଜଣ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁରରୁ ଜଣେ ଓ ଷ୍ଟେଟ୍‌ପୁଲ୍‌ରୁ ୧୨ ଜଣ ଚିହ୍ନଟ ହୋଇଛନ୍ତି।

## କରୋନାରେ ଆଉ ୩ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୧।୧୨ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୩ ଜଣଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ସୁନ୍ଦରଗଡ ଜିଲ୍ଲାରୁ ୨ ଜଣ ଏବଂ କଳାହାଣ୍ଡି ଜିଲ୍ଲାର ଜଣେ ଯୁବତୀ ରହିଛନ୍ତି। ଏହା ସହିତ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୮୩୯ରେ ପହଂଚିଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ସୁନ୍ଦରଗଡ଼ ଜିଲ୍ଲାରୁ ୨ କରୋନା ଆକ୍ରାନ୍ତ ଆଖି ବୁଜିଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କ ବୟସ ୪୩ ଓ ଜଣଙ୍କ ବୟସ ୪୫ । ୪୩ ବର୍ଷୀୟ ବ୍ୟକ୍ତିଜଣକ ପୂର୍ବରୁ ଉଚ୍ଚ ରକ୍ତଚାପରେ ପୀଡ଼ିତ ଥିଲେ।

## ଶୋଷଣର ଶିକାର ମିର୍ଜାପୁର ସମିତି ଚାଷୀ—
# ଅସାଧୁ ମିଲର ପରିବର୍ତ୍ତନ ଦାବିରେ ଯୋଗାଣ ଅଫିସ ଘେରାଓ



ବାଲେଶ୍ୱର,୨୧।୧୨ (ନି.ପ୍ର): ଧାନ କିଣାରେ ଅସାଧୁ ମିଲରଙ୍କ ଶୋଷଣରେ ଶିକାର ଖଇରା ବ୍ଲକ ମିର୍ଜାପୁର ସେବା ସମବାୟ ସମିତିର ଚାଷୀମାନେ ଆଜି ଜିଲ୍ଲା ଯୋଗଣ ବିଭାଗ ସମ୍ମୁଖରେ ଧାରଣା ଦେଇଥିଲେ। ଦୀର୍ଘ ଦୁଇବର୍ଷ ଧରି ଦେଉଳି ଅଞ୍ଚଳର ତାରିଣୀ ରାଇସ ମିଲକୁ ମିର୍ଜାପୁର ସେବା ସମବାୟ ସମିତିରୁ ଧାନ ଉଠାଇବାକୁ ଯୋଗାଣ ବିଭାଗ ଅର୍ଡ଼ର କରିଥିବା ଚାଷୀମାନେ କହିଛନ୍ତି। ମିର୍ଜାପୁର ସେବା ସମବାୟ ସମିତି ଅଧୀନରେ ସାରଡାଙ୍ଗ, ନନ୍ଦୋର, ସୁଣ୍ଡିରା, ଝିଙ୍କିରିଆ ପ୍ରଭୃତି ଅଞ୍ଚଳର ଚାଷୀମାନେ ଧାନ ବିକ୍ରି କରିଥା'ନ୍ତି। ମାତ୍ର ତାରିଣୀ ରାଇସ ମିଲ୍ସର ମିଲର ଜଣେ ପ୍ରତିପତିଶାଳୀ ବ୍ୟକ୍ତି ହୋଇଥିବା ବେଳେ ସମିତି କର୍ମକର୍ତ୍ତାଙ୍କ ସମେତ ଚାଷୀଙ୍କ ଉପରେ ସର୍ବଦା ଦାଉ ସାଜି ଚାଲିଥିବା ସେମାନେ ଆରୋପ ଉଠାଇଛନ୍ତି। ବିଶେଷ କରି ଧାନ କ୍ୱିଣ୍ଟାଲ ପିଛା ୮ କେଜିରୁ ୧୦ କେଜି ପର୍ଯ୍ୟନ୍ତ ଉଡ଼ାଣ କାଟିବା, ଟୋକନରେ ଉଲ୍ଲେଖ ପରିମାଣଠାରୁ ଚାଷୀଙ୍କଠାରୁ କମ୍ ଧାନ କିଣିବା ଯୋଗୁଁ ଲୋକେ ଧାନ ବିକ୍ରି କରି ନପାରି ଶେଷରେ ବାହାର ବେପାରୀଙ୍କୁ କମ୍ ମୂଲ୍ୟରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି ବୋଲଇ ଧାରଣାରତ ଚାଷୀମାନେ କହିଛନ୍ତି। ଏମିତିକି ଗତ ରବରତୁରେ ଚାଷୀଙ୍କ ଟୋକନ ଆସିଥିଲେ ବି ତାରିଣୀ ରାଇସ ମିଲ ଧାନ ନ କିଣିବା ଯୋଗୁଁ ଚାଷୀମାନେ ଶେଷରେ ବାହାର ବେପାରୀଙ୍କୁ ବିକ୍ରି କରିବାକୁ ବାଧ୍ୟ ହୋଇଥିଲେ। ଏଭଳି ମନମୁଖୀ କାର୍ଯ୍ୟ କରୁଥିବା ମିଲରଙ୍କୁ ପରିବର୍ତ୍ତନ ପାଇଁ ୨ ବର୍ଷ ଧରି ଦାବି ହୋଇ ଆସୁଥିବା ବେଳେ ଯୋଗାଣ ବିଭାଗ କିମ୍ବା ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ନ ନେବା ଯୋଗୁଁ ସେମାନେ ଧାରଣା ଦେବାକୁ ବାଧ୍ୟ ହୋଇଥିବା ଚାଷୀମାନେ କହିଛନ୍ତି। ମିଲର ବଦଳ ନ ହେବା ପର୍ଯ୍ୟନ୍ତ ସେମାନେ ଏହିଭଳି ଗଣଧାରଣା ଜାରି ରଖିବେ ବୋଲି ଚାଷୀମାନେ କହିଛନ୍ତି। ଏନେଇ ସେମାନେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି ।ତେବେ ଏ ସମ୍ପର୍କରେ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଯୋଗଯୋଗ କରାଯାଇଥିଲେ ବି ସେ କିଛି କହିବାକୁ ମନା କରିଦେଇଥିଲେ।

## ସମାଜସେବୀ ମୁରଲୀଧର ପରିଡ଼ାଙ୍କ ପରଲୋକ



ଖୋର୍ଦ୍ଧା,୨୧।୧୨ (ନି.ପ୍ର): ଶହୀଦ ଦିବାକର ପରିଡ଼ାଙ୍କ ସଂପର୍କୀୟ ଭ୍ରାତା ତଥା ସ୍ୱାଧୀନତା ସଂଗ୍ରାମୀ କୁଳମଣି ପରିଡ଼ାଙ୍କ କନିଷ୍ଠ ପୁତ୍ର ସମାଜସେବୀ ମୁରଲୀଧର ପରିଡ଼ାଙ୍କର ୮୪ ବର୍ଷ ବୟସରେ ପରଲୋକ ହୋଇଯାଇଛି । କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେବାପରେ ସେ ପୁଣି ଅସୁସ୍ଥ ହୋଇପଡ଼ିଥିଲେ। ଏହାପରେ ତାଂକୁ ଭୁବନେଶ୍ୱର ଆମ୍ରି ହସପିଟାଲରେ ଭର୍ତି କରାଯାଇଥିଲା। ତେବେ ଗତ ରବିବାର ରାତିରେ ତାଂକର ପରଲୋକ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ତିନି ପୁଅ ପୁଅ ପ୍ରଦୀପ ପରିଡ଼ା, ଦିଲୀପ ବଳିଆରସିଂହ, ଜାନକୀ ବଲ୍ଲଭ ବଳିଆରସିଂହ, ଝିଅ-ଜ୍ୱାଇଁ ଏବଂ ପୁତୁରା ଐତିହାସିକ ସତ୍ୟବାଦୀ ବଳିଆରସିଂହ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ପରିଡ଼ା ଚାନ୍ଦପୁର ବସନ୍ତ ମଂଜରୀ କ୍ଷୟ୍ମା ଚିକିତ୍ସାଳୟରେ ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟକଲାବେଳେ ବେଶ୍ ଲୋକପ୍ରିୟ ଥିଲେ। ଅବସର ପରେ ଜନ୍ମମାଟି ଗଡ଼ବାଣୀକିଲୋ ତଥା ଆଖପାଖ ଅଂଚଳରେ ସେ ଲୋକମାନଂକୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଦେଉଥିଲେ। ଗାଁର ବହୁବିଧ ଉନ୍ନତି ପାଇଁ ନିଜକୁ ଉତ୍ସର୍ଗ କରିବା ସହ ନ୍ୟାୟ, ନିଶାପ କଥା ମଧ୍ୟ ବୁଝୁଥିଲେ। ସ୍ୱର୍ଗତ ପରିଡ଼ାଙ୍କ ମୃତ୍ୟୁରେ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଦୁର୍ଗାଚରଣ ସାହୁ, ଅବସରପ୍ରାପ୍ତ ଓଏଏସ୍ ଅଧିକାରୀ ସହଦେବ ଜୟସିଂହ, ସଚିବାଳୟର ବରିଷ୍ଠ କର୍ମଚାରୀ ସୁରେନ୍ଦ୍ର ପରିଡ଼ା, ଡ. ଅସିତ ଦାସ, ଶିକ୍ଷକନେତା ଯାମିନୀକାନ୍ତ ନାୟକ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

## ବ୍ରହ୍ମପୁର ସେବା ସମବାୟ ସମିତିକୁ ଧାନକିଣାରୁ ବାଦ୍‌ଦେବା ନେଇ ଆନ୍ଦୋଳନ

ଭଦ୍ରକ,୨୧।୧୨ (ନି.ପ୍ର): ଭଦ୍ରକ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁର ସେବା ସମବାୟ ସମିତିକୁ ଚଳିତ ବର୍ଷ ଧାନ କିଣାରୁ ବାଦ୍ ଦିଆଯିବା ନେଇ ଆଜି ଚାଷୀମାନେ ଆନ୍ଦୋଳନ କରିଛନ୍ତି। ବ୍ରହ୍ମପୁର ସେବା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଚାଷୀ ଧାରଣା ଦେଇ ଉକ୍ତ ସମିତିକୁ ଧାନ କିଣିବାକୁ ଅନୁମତି ଦେବାକୁ ଦାବୀ କରିଥିଲେ। ଏ ନେଇ ସମିତି ସମ୍ପାଦକଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଥିବା ବେଳେ ଆଜି ଯଦି ସମିତିକୁ ଅନୁମତି ନ ମିଳେ ତେବେ ଆସନ୍ତାକାଲି ଭଦ୍ରକ -ଚାନ୍ଦବାଲି ରାସ୍ତାର ଇଚ୍ଛାପୁର ଠାରେ ସକାଳ ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାସ୍ତାରୋକୋ ଆନ୍ଦୋଳନ କରାଯିବ ବୋଲି ଚାଷୀନେତା ହେମନ୍ତ କୁମାର ପାଢୀ ଚେତାବନୀ ଦେଇଥିଲେ। ଦୀର୍ଘ ବର୍ଷ ଧରି ଏହି ସମିତି ଜରିଆରେ ସରକାର ଧାନ କିଣି ଆସୁଥିବା ବେଳେ ଚଳିତ ବର୍ଷ ସମିତିକୁ ବାଦ୍ ଦେଇ ସ୍ୱୟଂ ସହାୟକ ଗୋଷ୍ଠୀ ସହାୟତାରେ ଧାନ କିଣା ପାଇଁ ଆଦେଶ ଦେଇଛନ୍ତି। ଯାହାକୁ କେନ୍ଦ୍ର କରି ଚାଷୀ ଅସନ୍ତୋଷ ପ୍ରକାଶ ପାଇଛି। ଏଥିରେ ରାଜନୈତିକ ଅଭିସନ୍ଧି ରଖାଯାଇଥିବା ସ୍ପଷ୍ଟ ଅନୁମାନ କରାଯାଉଛି। ତୁରନ୍ତ ସମିତିକୁ ଧାନ କିଣିବାକୁ ଅନୁମତି ଦେବାକୁ ଚାଷୀ ଦାବୀ କରିଛନ୍ତି। ଆଜି ଦାବୀ ପୂରଣ ନ ହେଲେ ଆସନ୍ତାକାଲି ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଅଜୟ କୁମାର ମଳିକ, ଭରତ ଗିରି, ବାସନ୍ତୀ ଗିରି, ଗିତାଞ୍ଜଳୀ ସେନାପତି, ମହେଶ୍ୱର ସାହୁ, ନରେନ୍ଦ୍ର ମାହୁନ୍ତ, ବନମାଳୀ ବହେରା ପ୍ରମୁଖ ଚେତାବନୀ ଦେଇଛନ୍ତି।

## ବିଶିଷ୍ଟ ସର୍ବୋଦୟ ନେତା ପ୍ରଶାନ୍ତ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକି ପାଳିତ



ବାରିପଦା,୨୧।୧୨ (ନି.ପ୍ର): ବିଶିଷ୍ଟ ସର୍ବୋଦୟ ନେତା ପ୍ରଶାନ୍ତ ମହାନ୍ତିଙ୍କ ୨୭ ତମ ଶ୍ରାଦ୍ଧଦିବସ ଉପଲକ୍ଷେ ଏକ ଶ୍ରଦ୍ଧାଳି ସଭା ବାରିପଦା ଭପୁର ସ୍ଥିତ ସର୍ବୋଦୟ ଆଶ୍ରମ ଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ସର୍ବୋଦୟ ଆଶ୍ରମର ଜଗନ୍ନାଥ ବେହେରା, ପ୍ରଭାକର ଦାସ, ଧର୍ମାନନ୍ଦ ଦାସ, ବିନୋବା ସ୍ମାରକ ଟ୍ରଷ୍ଟର ଟ୍ରଷ୍ଟି ସମାଜସେବୀ ବୀରଜା ଦେବୀ, ସାମ୍ବାଦିକ ଦୀପକ କୁମାର ନାୟକ, ବିଶ୍ୱଜିତ ଭୂୟାଁ, ସୁବ୍ରତ କୁମାର ଦାସ, ହରିଜନ ସେବକ ସଂଘର ଆର୍ଯ୍ୟଭଟ୍ଟ ମହାନ୍ତି ପ୍ରମୁଖ ଯୋଗଦେଇ ଫୋଟ ଚିତ୍ରରେ ପୁଷ୍ପାଳି ଅର୍ପଣ କରିବା ସହିତ ସ୍ୱର୍ଗତ ପ୍ରଶାନ୍ତ ମହାନ୍ତି ସନ୍ଥ ବିନୋବାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସର୍ବୋଦୟ ଆନ୍ଦୋଳନରେ ନିଜକୁ ସାମିଲ କରିବା ସହିତ ଜଣେ ପରୋପକାରୀ ଜାତୀୟ ସ୍ତରର ସର୍ବୋଦୟ ସେବକ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି କହି ସ୍ମୃତିଚାରଣ କରିଥିଲେ ।

## ୨୪ ଘଂଟାରେ ୧୯.୫ ଲକ୍ଷ ଟଙ୍କାର ଜୋରିମାନା ଆଦାୟ

ଭୁବନେଶ୍ୱର,୨୧।୧୨ (ନି.ପ୍ର): ରାଜ୍ୟରେ କୋଭିଡ୍-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ଡିସେମ୍ବର ୨୦ ରୁ ୨୧ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଂଟା ମଧ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ୧୭ ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ଏହାସହ ୫୨୩ ଟି ଗାଡ଼ି ଜବତ କରାଯାଇଥିବା ବେଳେ ୧୯,୫୧,୮୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ।

## ବିଭାଗୀୟ ଷ୍ଟାଣ୍ଡିଂ କମିଟି-୬ର ଅଷ୍ଟମ ବୈଠକ

ଭୁବନେଶ୍ୱର,୨୧।୧୨ (ନି.ପ୍ର): ଓଡିଶା ବିଧାନସଭା ବିଭାଗୀୟ ଷ୍ଟାଣ୍ଡିଂ କମିଟି -୬ର ଅଷ୍ଟମ ବୈଠକ ବିଧାନସଭା ପ୍ରକୋଷ୍ଠ ୫୯ରେ ଅନୁଷ୍ଠିତ ହୋଇଯାଇଛି। ଭିଡିଓ କନଫରେନ୍ସିଂମାଧ୍ୟମରେ ବରିଷ୍ଠ ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ , କୃଷି ଓ କୃଷକ ସଶକ୍ତିକରଣ ଏବଂ ସମବାୟ ବିଭାଗର ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ୨୦୨୦-୨୧ ମସିହା ପାଇଁ ବିଭାଗର ଖର୍ଚ୍ଚଦାବିଉପରେ କମିଟି ତରଫରୁ ପ୍ରଦାନ କରାଯାଇଥିବା ବିଭିନ୍ନ ପରାମର୍ଶ ଉପରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତା ଉପରେ ମଧ୍ୟ ଆଲୋଚନା ହୋଇଥିଲା।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ଦୁଇ ମୃତ ଓ ଜଣେ ଗୁରୁତର



ବାରିପଦା ଟାଉନ/ ରାଇରଙ୍ଗପୁର, ୨୧।୧୨ (ନି.ପ୍ର): ମୟୂରଭ ଜିଲ୍ଲା ବାଦାମପାହାଡ ଥାନା ଅନ୍ତର୍ଗତ ଝଲଡୁଙ୍ଗୁରି ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବାର ଜଣାଯାଇଛି । ଘଟଣାସ୍ଥଳରେ ଦୁଇଜଣ ମୃତ୍ୟୁ ବରଣ କରିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ସୂଚନା ଅନୁଯାୟୀ ବିଳମ୍ବିତ ରାତି ପ୍ରାୟ ୧୨.୩୦ ସମୟରେ ଝଲଡୁଙ୍ଗୁରି ଛକ ନିକଟରେ ତିନି ଜଣ ଯୁବକ ରକ୍ତାକ୍ତ ଅବସ୍ଥାରେ ମୁଖ୍ୟ ରାସ୍ତାରେ ପଡି ରହିଥିବା ବେଳେ ଏକ ବାଇକ ମଧ ପଡି ରହିଥିଲା। ତେବେ ବିଳମ୍ବିତ ରାତିରେ ହିଁ ତିନି ଜଣଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ଦୁଇ ଜଣ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି। ବେପରୁଆ ଗାଡି ଚାଳନା ଯୋଗୁଁ ଦୁର୍ଘଟଣା ଘଟି ଥାଇପାରେ କିମ୍ବା ଅନ୍ୟ କୌଣସି ଗାଡ଼ି ଧକ୍କା ଦେଇ ପଳେଇ ଯାଇଥିବା ପୋଲିସ ଅନୁମାନ କରୁଛି। ସେପଟେ ଯଶିପୁର ପଟକୁ ବାଇକ ଯୋଗେ ତିନି ଜଣ ଯାଉଥିବା ସମୟରେ ଦୁର୍ଘଟଣା ଘଟିଥିବା ଜଣାପଡିଛି। ତେବେ ତିନି ଜଣଙ୍କ ପରିଚୟ ମିଳି ପାରିନଥିବା ବେଳେ ସମସ୍ତେ ଯଶିପୁର ଅଂଚଳର ବୋଲି ଜଣା ପଡ଼ିଛି। ଏ ନେଇ ବାଦାମପାହାଡ ଥାନା ପୋଲିସ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ଦୁଇ ମୃତଦେହକୁ ଶବ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଡାକ୍ତରଖାନା ପଠାଇଥିବାର ଜଣାଯାଇଛି ।

# ଭଦ୍ରକ ଜିଲ୍ଲା ସମାଜସେବୀ ମହାସଂଘ ଗଠିତ ଓ ଆଲୋଚନାଚକ୍ର



ଭଦ୍ରକ,୨୧।୧୨ (ନି.ପ୍ର): ଅସହାୟ ଲୋକଟି ସହାୟତା ପାଉ। ଅବହେଳିତ ମଣିଷଟି ଆଶ୍ରିତ ହେଉ। ନିଷ୍ପେଷିତ ବ୍ୟକ୍ତିଟି ନିରୁପାୟ ନ ହେଉ। ସାମାଜିକ ବ୍ୟବସ୍ଥା ମଧ୍ୟରେ ସରକାରୀ କିମ୍ବା ପ୍ରଶାସନିକ ଅଧିକାରରୁ ବଞ୍ଚିତ ଲୋକଙ୍କ ପାଖରେ ପହଞ୍ଚି ଆବଶ୍ୟକ ମୁତାବକ ସେବା ଓ ସହାୟତା କରିବାର ଏକ ମହତ ମନୋଭାବ ନେଇ ଭଦ୍ରକ ଜିଲ୍ଲା ସମାଜସେବୀ ମହାସଂଘ ଆଗାମୀ ଦିନରେ କାର୍ଯ୍ୟ କରିବ ବୋଲି ଆଜି ଜିଲ୍ଲାର ୩୦ରୁ ଉର୍ଦ୍ଧ୍ୱ ସାମାଜିକ ସଂଗଠନକୁ ନେଇ ଅନୁଷ୍ଠିତ ଆଲୋଚନାଚକ୍ରରେ ମଞ୍ଚାସିନ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅପରାହ୍ଣରେ ମହାସଂଘ ପକ୍ଷରୁ କର୍ମକର୍ତ୍ତାଙ୍କ ଦ୍ୱାରା ଏକ ମଟରସାଇକେଲ ଶୋଭାଯାତ୍ରା ମାଧମରେ ସହରରେ ଥିବା ଡ. ହରେକୃଷ୍ଣ ମହତାବ, ମହାତ୍ମାଗାନ୍ଧୀ, ଗୋପବନ୍ଧୁ ଦାଶ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ସଂସ୍କୃତି ଭବନରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସଭାପତି ଅପୂର୍ବ ରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ହୋଇଥିଲା। ମୁଖ୍ୟଅତିଥି ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗ ଦେଇ ଉପସ୍ଥିତ ଯୁବ ସମାଜସେବୀଙ୍କୁ ମାର୍ଗଦର୍ଶନ କରାଇଥିଲେ। ସାଧାରଣ ସମ୍ପାଦକ ସ୍ୱାଧୀନ ସୁନ୍ଦର ଦାସ ମହାସଂଘ ଗଠନର ଅଭାମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ହାତକୁ ନିଆଯିବାକୁ ଥିବା ରଣନୀତି ସମ୍ବନ୍ଧରେ କାର୍ଯ୍ୟକାରୀ ସଭାପତି ପ୍ରକାଶ ସ୍ୱାଇଁ ପ୍ରକାଶ କରିଥିଲେ। ସଞ୍ଜିତ କୁମାର ନାୟକ ସାମାଜିକ ବ୍ୟବସ୍ଥା ମଧ୍ୟରେ ଦୃଷ୍ଟିଗୋଚର ହେଉଥିବା ଅନେକ ସମସ୍ୟା ଉପରେ ଚର୍ଚ୍ଚା କରିଥିଲେ। ମହାସଂଘ ପକ୍ଷରୁ ସମ୍ବର୍ଦ୍ଧିତ ସ୍ୱାଧୀନତା ସଂଗ୍ରାମୀ ଶ୍ୟାମସୁନ୍ଦର ବେହେରା ଯୋଗ ଦେଇ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଆଲୋଚନାଚକ୍ରରେ ସାମାଜିକ ସଂଗଠନମାନଙ୍କର ପ୍ରମୁଖ କାର୍ଯ୍ୟକର୍ତ୍ତା ଚିନ୍ମୟ ବେହେରା, ଦିଲିପ ନାୟକ, ରଶ୍ମିରଞ୍ଜନ ସାହୁ, ସୁଶାନ୍ତ କୁମାର ସାହୁ, ଗିତାଞ୍ଜଳୀ ଜେନା, ରଜତ କୁମାର ଦାସ, ରଘୁରାମ ଜେନା, ସଞ୍ଜୟ ସାହୁ, ସାଇ ସୁମନ, ଉତ୍କଳମଣି ସେବାରୁ ତ୍ରିପାଠୀ ବାବୁ ପ୍ରମୁଖ ଯୋଗ ଦେଇ ନିଜ ନିଜର ବିଚାର ପ୍ରକାଶ କରିଥିଲେ। ସନ୍ତୋଷ ବେହେରା, ଜ୍ୟୋତିପ୍ରକାଶ ଦାଶ, ରଜା ପଣ୍ଡା, ପ୍ରମୋଦ ଦାସ, ଚନ୍ଦନ ଦାସ, ଗୌତମ ବାରିକ ପ୍ରମୁଖ ସହଯୋଗ କରିଥିବା ବେଳେ ଧୀରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଡକ୍ଟର ଶ୍ରୀହରି ପଣ୍ଡା ଓ ବିଦ୍ୟୁତଲତାଙ୍କ "ଆମ ସଂସ୍କୃତିରେ ଓଷାବ୍ରତ ଓ ପର୍ବପର୍ବାଣି" ଲୋକାର୍ପିତ




କପ୍ତିପଦା-୨୧/୧୨(ନିପ୍ର) - ସୂର୍ଯ୍ୟର ଦୈବୀଶକ୍ତି ଓ ଚନ୍ଦ୍ରର ଚନ୍ଦନଶକ୍ତିକୁ ନେଇ ଭୂପୃଷ୍ଠର ସଜୀବ ଏବଂ ନିର୍ଜୀବ ସତ୍ତାର ସ୍ଥିତି ଏବଂ ଗତି । ପାଳନୀୟ ତିଥି, ବାର, ନକ୍ଷତ୍ର, ଅମାବାସ୍ୟା, ଏକାଦଶୀ, ସଂକ୍ରାନ୍ତି, ପୂର୍ଣ୍ଣିମାଦି ମାନବ ଜୀବନ ସହ ବିଜ୍ଞାନ ଓ ପରମ୍ପରା ସମ୍ମତ ଭାବରେ ଜଡିତ । ଏହାସହ ଉତ୍କଳୀୟ ପର୍ବପର୍ବାଣିର ତାଲିକା ପବିତ୍ର ରଥଯାତ୍ରାଠାରୁ ରୋମାଞ୍ଚକର ଧନୁଯାତ୍ରା ପର୍ଯ୍ୟନ୍ତ ପରିବ୍ୟାପ୍ତ । ଗଣଚେତନାର ଧାରା ସହ ଏସବୁର ଅଖଣ୍ଡ ପ୍ରବାହ ଓ ପ୍ରଭାବ ଆଧାତ୍ମିକତା ଏବଂ ସାମାଜିକତା ସହ ସମ୍ପୃକ୍ତ । ପାଶ୍ଚାତ୍ୟ ସଂସ୍କୃତିର ଅନୁପ୍ରବେଶ ସତ୍ତ୍ୱେ ଜାତି ତାହାର ସ୍ୱ ବୈଶିଷ୍ଟ୍ୟ ଏବଂ ପରମ୍ପରାକୁ ହରାଇବା ଅସମ୍ଭବ । ଓଡିଶା ମାଟିରେ ଏକାଧିକ ସୁଗବେଷକ ଓଡିଆ ଓଷା, ବ୍ରତ ଓ ପର୍ବପର୍ବାଣିର ପୃଷ୍ଠଭୂମି, ପାଳନୀୟ ବିଧି, ପର୍ବର ମାହାତ୍ମ୍ୟ ସହ ଆତ୍ମିକ ଶ୍ରଦ୍ଧା, ବିଶ୍ୱାସ ଓ ସମର୍ପଣକୁ ନେଇ ଲେଖାଲେଖିରେ ସକ୍ରୀୟ ଥିବାବେଳେ ଆମ ସମୟରେ ଆଉ ଜଣେ ଧୂରୀଣ ଭାଷାସଂଧାନୀ ତଥା ବିଭିନ୍ନ ଅଗ୍ରଣୀ ଓଡିଆ ଗଣମାଧ୍ୟମରେ ନିୟମିତ ଲେଖକ ଭାବରେ ସୁବିଦିତ ଡକ୍ଟର ଶ୍ରୀହରି ପଣ୍ଡା ଏବଂ ତାଙ୍କ ସହଧର୍ମିଣୀ ବିଦ୍ୟୁତଲତା ପଣ୍ଡାଙ୍କର ଯୁଗ୍ମ ଲେଖନୀରୁ ପ୍ରସ୍ତୁତ ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ଦ୍ୱାରା ପ୍ରକାଶିତ ଓ ପାଠକାର୍ପିତ ଗବେଷଣାଧର୍ମୀ ପ୍ରବନ୍ଧ ପୁସ୍ତକ "ଆମ ସଂସ୍କୃତିରେ ଓଷା ବ୍ରତ ଓ ପର୍ବପର୍ବାଣି" ରେ ସାଂସ୍କୃତିକ ବାର୍ତ୍ତା ଓ ବିବୃତ୍ତିର ନବଉନ୍ମେଷ ଘଟିଛି ବୋଲି ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ତଥା ସୁବର୍ଣ୍ଣଶ୍ରୀ ପ୍ରକାଶିନୀର ଏବଂ ଉକ୍ତ ପୁସ୍ତକର ପ୍ରକାଶକ କାଳୀପଦ ପଣ୍ଡା ଦୈନିକ ଧ୍ୱନିପ୍ରତିଧ୍ୱନୀ ଖବରକାଗଜ, ଉଦଳା ମଞ୍ଚର ବାର୍ଷିକ ଉତ୍ସବ ପାଳନ ଅବସରରେ ପୁସ୍ତକ ଲୋକାର୍ପଣ ସମୟରେ ମତ ରଖିଥିଲେ । କବୟତ୍ରୀ ପ୍ରମିଳା ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଖବରକାଗଜର ପରିଚମ୍ପ ସୃଷ୍ଟିଧର ପରିଡା ପୁସ୍ତକ ସମୀକ୍ଷା ପୂର୍ବକ ସଂସ୍କୃତି ବିନା ଜୀବନ ଦୁର୍ବହ, ଶୁଷ୍କ ଓ ମୂଲ୍ୟହୀନ ଅଟେ । ସଂସ୍କୃତି ପ୍ରଦାନ କରେ ଜାତିର ପରିଚୟ ଏବଂ ସଂସ୍କୃତି ଉନ୍ମୋଚନ କରେ ମାନବ ସମାଜର ସ୍ୱରୂପ । ଜୀବନର ବହୁବିଧ ଅଭିବ୍ୟକ୍ତି ମଧ୍ୟରେ ସାଂସ୍କୃତିକ ଅଭିବ୍ୟକ୍ତି ଅନ୍ୟତମ ବୋଲି ମତ ରଖିଥିଲେ । ମୟୂରଭଞ୍ଜ ସାହିତ୍ୟ ଏକାଡେମୀର ସଭାପତି ଡଃ ସରୋଜ ନାୟକ ଗବେଷଣାଧର୍ମୀ ଉକ୍ତ ପୁସ୍ତକ ବହୁ ଗବେଷକଙ୍କୁ ପଥପ୍ରଦର୍ଶନ କରିବ ବୋଲି କହିଥିବା ବେଳେ ମୟୂରଭଞ୍ଜ ମାଟିର ଅନ୍ୟତମ ପ୍ରତିଭା ଯୁବ କବି ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ଅମିତାଭ ମିଶ୍ର ହଜିଯାଉଥିବା ସଂସ୍କୃତିକୁ ପୁନଃ ମନେ ପକାଇବାର ପ୍ରୟାସ ନିମନ୍ତେ ପଣ୍ଡା ଦମ୍ପତିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଫକୀର ମୋହନ ସାହିତ୍ୟ ପରିଷଦର ସମ୍ପାଦକ ଡା କୁମାର ଗୋପାଲ ପୁସ୍ତକଟିର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ମତ ରଖିଥିଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନ୍ୱେଷଣ ସଭାଗୃହରେ ଅନୁଷ୍ଠିତ ଉକ୍ତ ସଭାରେ ମନୋରଞ୍ଜନ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପାଠକମଞ୍ଚର ଆବାହକ ସାମ୍ବାଦିକ ସୁବ୍ରତ ମହାନ୍ତି ମଞ୍ଚ ପରିଚାଳନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ । ଉଲ୍ଲେଖନୀୟ ଯେ, ମୟୂରଭଞ୍ଜ କପ୍ତିପଦା ଉପଖଣ୍ଡର ଗୌଡ଼ଗାଁଠାରେ ଜନ୍ମିତ ଏବଂ କପ୍ତିପଦା ମହାବିଦ୍ୟାଳୟ, ନୂଆସାହିରେ ଓଡିଆ ଭାଷା ସାହିତ୍ୟ ବିଭାଗରେ ଅଧାପକ ଭାବରେ କାର୍ଯ୍ୟରତ ଡ.ପଣ୍ଡାଙ୍କର ଲେଖନୀରୁ ଏଥିପୂର୍ବରୁ ଅମୃତ ସୋପାନ, ଆଧାତ୍ମିକ ଅନ୍ୱେଷା, ଜୀବନଜିଗୀଷା, ଚିତ୍ତରଞ୍ଜନ ଦାସଙ୍କ ପ୍ରବନ୍ଧର ଦିଗ ଓ ଦିଗନ୍ତ ଓ ଶ୍ରୀଜଗନ୍ନାଥ ଶୀର୍ଷକ ପାଞ୍ଚଖଣ୍ଡ ଗବେଷଣାଧର୍ମୀ ମୌଳିକ ପ୍ରବନ୍ଧ ପୁସ୍ତକ ପ୍ରକାଶ ପାଇ ବିପୁଳ ପାଠକୀୟ ଆଦୃତି ଲାଭ କରିଛି । ଓଡିଆ ଭାଷା ସାହିତ୍ୟ ପ୍ରତି ଅଙ୍ଗୀକାର ବଦ୍ଧ ଲେଖକ ଡଃ ପଣ୍ଡାଙ୍କର ଏହି ଷଷ୍ଠ ପ୍ରବନ୍ଧ ପୁସ୍ତକରେ ଯୁଗ୍ମ ଲେଖିକା ଭାବରେ ବିଦ୍ୟୁତଲତା ପଣ୍ଡାଙ୍କର ଲେଖନୀର ଯୋଗଦାନ ଏହାକୁ ଓଡିଶାମାଟିର ଅନ୍ୟତମ ବିରଳ ସାରସ୍ୱତ ଦାମ୍ପତ୍ୟର ବିରଳ ଗ୍ରନ୍ଥକୃତିର ମାନ୍ୟତା ଆଣିଦେଇଛି ବୋଲି ଅନେକ ମତପ୍ରକାଶ କରିଛନ୍ତି । ଦୀର୍ଘ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱକାଳ ଧରି ନିରବଛିନ୍ନ ଭାବେ ରଚନାନିମଗ୍ନ ଡଃ ପଣ୍ଡାଙ୍କର ଏହି ଅମୂଲ୍ୟ କୃତି ପାଇଁ ତାଙ୍କୁ ବିଭିନ୍ନ ସାରସ୍ୱତ ପ୍ରତିଷ୍ଠାନ, ମହାବିଦ୍ୟାଳୟର ସହକର୍ମୀ, ଛାତ୍ରଛାତ୍ରୀ ଏବଂ ସତୀର୍ଥ ସାହିତ୍ୟିକମାନେ ବିପୁଳ ଶ୍ରଦ୍ଧା ଓ ଅଭିନନ୍ଦନ ଜଣାଇଛନ୍ତି ।

## ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ

ବାଲେଶ୍ୱର,୨୧।୧୨ (ନି.ପ୍ର): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ନାରୀ ନିର୍ଯାତନା ଓ ଶିଶୁ ନିଖୋଜର ପ୍ରତିବାଦରେ ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନ କ୍ରମେ ସମଗ୍ର ଓଡ଼ଶାରେ ଆଜି ପ୍ରତିବାଦ କରାଯାଉଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କଂଗ୍ରେସ କମିଟି ସଭାପତି ସଂଜୀବ ଗିରି ପୌରୋହିତ୍ୟ କରିଥିଲେ। ପୂର୍ବତନ ମନ୍ତ୍ରୀ ଅନନ୍ତ ପ୍ରସାଦ ସେଠୀ ଏଥିରେ ଯୋଗଦେଇ ବିଜେଡି ସରକାରଙ୍କ ବିଫଳତା ସମ୍ପର୍କରେ ତୀବ୍ର ସମାଲୋଚନା କରିଥିଲେ। ରାଜ୍ୟର ଶିଶୁ ଓ ମହିଳାଙ୍କୁ ସୁରକ୍ଷା ଦେଇପାରୁ ନଥିବା ନବୀନ ସରକାରଙ୍କର କ୍ଷମତାରେ ରହିବାର ଅଧିକାର ନାହିଁ ବୋଲି ସେ କହିଥିଲେ। ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ, ଚିତ୍ତରଂଜନ ଷଡ଼ଙ୍ଗୀ, ବସ୍ତା ବ୍ଲକର କଂଗ୍ରେସ ନେତା ବିଜନ ନାୟକ, ଭୋଗରାଇର କଂଗ୍ରେସ ନେତା ସତ୍ୟଶିବ ଦାସ, କୃଷ୍ଣଗୋପାଳ ପଣ୍ଡା, ଗୋପୀନାଥ ପାଢ଼ୀ, ମହିଳାନେତ୍ରୀ ଅର୍ଚ୍ଚନା ନନ୍ଦୀ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଂଜନ ଦାସ, ବିକାଶ ଦାସ, ସୁଧାଂଶୁ ଶେଖର ଜେନା, ସତ୍ୟଶିବ ସୁନ୍ଦର ଦାସ, ଗୌତମ ସାହୁ, ଜୀବନ ମହାପାତ୍ର, ତରୁଣ ଦାସ,ନିରଂଜନ ପଢ଼ିଆରୀ, ଜଗନ୍ନାଥ ବିଶ୍ୱାଳ, ସୋର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଶ୍ରୀକାନ୍ତ ଜେନା ପ୍ରମୁଖ ଏଥିରେ ଯୋଗଦେଇ ସମ୍ପ୍ରତି ରାଜ୍ୟରେ ବୃଦ୍ଧି ପାଇଥିବା ଅଚଳାବସ୍ଥାକୁ ନେଇ ବିଜେଡି ସରକାରକୁ ଦାୟୀ କରିଥିଲେ। ପରୀ ହତ୍ୟାକଣ୍ଡରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଏବଂ ଏଥିରେ ସମ୍ପୃକ୍ତ ମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ଦାବି କରିଥିଲେ। ନତୁବା ଆଗାମୀ ଦିନରେ କଂଗ୍ରେସ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି କଂଗ୍ରେସ ନେତାମାନେ ଚେତାବନୀ ଦେଇଥିଲେ। ବିଶ୍ୱନାଥ ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ କଂଗ୍ରେସ କର୍ମୀ ଓ ସମର୍ଥକ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo